## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍କୁଲ ପରିସର, ନୀଳାଦ୍ରି ବିହାର, ସକାଳ ୭ଟା ୩୦।
- 'ଦିଲୀପ ତିର୍କୀ: ବିୟଣ୍ଡ ଦି ସ୍ପୋର୍ଟ' ଫଟୋ ପ୍ରଦର୍ଶନୀ, କଳିଙ୍ଗ ଆର୍ଟ ଗ୍ୟାଲେରି, ପୂର୍ବାହ୍ନ ୧୧ଟା।
- ଏକାଡେମୀ ପୁରସ୍କାର ଓ ଛାତ୍ରବୃତ୍ତି ପ୍ରଦାନ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୧ଟା ୩୦।
- ୭୨ତମ ସଂସ୍କୃତି ଚର୍ଚ୍ଚା, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସନ୍ଧ୍ୟା ୬ଟା।

# ମନଇଚ୍ଛା ରାସ୍ତା ଖୋଳିଲେ ଏତଲା

**ଭୁବନେଶ୍ୱର, ୨୯।୧୧ (ବନ୍ଦନା ସେଠୀ)**

ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଏବେଠାରୁ ଆଉ କେହି ମନଇଚ୍ଛା ରାସ୍ତା ଖୋଳିପାରିବେ ନାହିଁ। ଏଥିପାଇଁ ବିଏମ୍‌ସିର ବିଧିବଦ୍ଧ ଅନୁମତି ଆବଶ୍ୟକ ହେବ। ଯଦି କୌଣସି ସଂସ୍ଥା କିମ୍ବା ବ୍ୟକ୍ତି ବିନା ଅନୁମତିରେ ରାସ୍ତା ଖୋଳନ୍ତି ତେବେ ତାଙ୍କ ବିରୋଧରେ ଏତଲା ଦାୟର କରାଯିବ। ଏନେଇ ବୁଧବାର ବିଏମ୍‌ସି ମୁଖ୍ୟାଳୟରେ ହୋଇଥିବା ଆନ୍ତଃ ବିଭାଗୀୟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବିଏମ୍‌ସି ଅଭିଯୋଗ ପ୍ରକୋଷ୍ଠକୁ ଏ ସଂକ୍ରାନ୍ତୀୟ ଅନେକ ଅଭିଯୋଗ ଆସିବା ପରେ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱର ସହ ନେଇ ଏପରି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କୌଣସି ସଂସ୍ଥା ଓ ବ୍ୟକ୍ତିବିଶେଷ ରାସ୍ତାରେ କେବୁଲ ବିଛାଇବା, ଖୁଣ୍ଟି ପୋତିବା, ଗ୍ୟାସ୍ ପାଇପ ଲାଇନ୍, ସ୍ୱେରେଜ କିମ୍ବା ନିର୍ମାଣ କାମ ପାଇଁ ରାସ୍ତା ଖୋଳି ପାରିବେ ନାହିଁ। ଏହା କରିବା ପୂର୍ବରୁ ନିଶ୍ଚିତ

### ନିର୍ମାଣ ବର୍ଜ୍ୟ ଗଦାଇବା, କେବୁଲ ଝୁଲାଇବା ମନା


ବୈଠକରେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ।

ଭାବେ ବିଏମ୍‌ସିରୁ ଅନୁମତି ନେବାକୁ ପଡିବ ବୋଲି କମିଶନର ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅନୁମତି ଦେବା ପୂର୍ବରୁ ବିଏମ୍‌ସିର ଏକ ଟିମ୍ ସମ୍ପୃକ୍ତ ଘଟଣାସ୍ଥଳ ପରିଦର୍ଶନ କରି ରିପୋର୍ଟ ଦେବ। ତାହା ଯଥାର୍ଥ ହୋଇଥିଲେ, ଅନୁମତି ପ୍ରଦାନ କରାଯିବ। ଏଥିରେ ଖିଲାପ ହେଲେ, ସମ୍ପୃକ୍ତ ସଂସ୍ଥା ବା ବ୍ୟକ୍ତିଙ୍କ ବିରୋଧରେ ଏତଲା ଦାୟର କରାଯିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଅଭିଯୋଗ ସହିତ ବିଏମ୍‌ସି କର୍ପୋରେଶନ ବୈଠକରେ ମଧ୍ୟ କର୍ପୋରେଟରମାନେ ଏହି ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ମନଇଚ୍ଛା ରାସ୍ତା ଖୋଳିବା ଦ୍ୱାରା ଜନସାଧାରଣ ହଇରାଣ ହେବା ସହ ଛୋଟବଡ଼ ଦୁର୍ଘଟଣା ଘଟୁଛି। ସେହିପରି ସହରର ସୌନ୍ଦର୍ଯ୍ୟକରଣ ମଧ୍ୟ ନଷ୍ଟ ହେଉଛି। ତେଣୁ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଯେ କୌଣସି ବିଭାଗ, କର୍ପୋରେଶନ, ଅନୁଷ୍ଠାନ ପ୍ରଚଳିତ ନିୟମକୁ ଅନୁସରଣ କରିବାକୁ ପଡିବ ବୋଲି କମିଶନର ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାସ୍ତାରେ ନିର୍ମାଣ ଓ ଭଗ୍ନାବଶେଷ ବାଲି, ମାଟି, ଗୋଡି ଆଦି ଗଦା କରିପାରିବେ ନାହିଁ କି କେବୁଲ ଝୁଲାଇ ପାରିବେ ନାହିଁ ବୋଲି ତାଗିଦ୍ କରାଯାଇଛି। କମିଶନରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ, ଡେପୁଟି କମିଶନର ରେଭିନ୍ୟୁ ପ୍ରିୟବ୍ରତ ପାଢୀ, ୱାଟ୍‌କୋ, ଇଡ୍‌କୋ ଓ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ, ବିଏସ୍‌ଏନ୍‌ଏଲ୍, ଓପିଟିସିଏଲ୍, ଗେଲ୍ ଇଣ୍ଡିଆ ଲିମିଟେଡ, ପାୱାର ଗ୍ରୀଡ, ଜିଓ ରିଲାଏନ୍ସ ଆଦି କମ୍ପାନୀର ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।

## ୪୮ ମଣ୍ଡଳ ନାମ ସଂକୀର୍ତ୍ତନ ବାଲିଯାତ୍ରା ମହୋତ୍ସବ

**ବାରଙ୍ଗ,୨୯।୧୧(ଲିଙ୍ଗରାଜ ରାଉତ)**– ଚଳିତବର୍ଷ ଗୌରବମୟ ବାରଙ୍ଗ ୪୮ ମଣ୍ଡଳ ନାମ ସଂକୀର୍ତ୍ତନ ବାଲିଯାତ୍ରା ମହୋତ୍ସବ ବୁଧବାର ପୁରୀ ମୁଖ୍ୟ କେନାଲ କୂଳ ପୁରୁଣା ବାରଙ୍ଗଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ବାଙ୍କୀ ବିଧାୟକ ପ୍ରଭାତ ତ୍ରିପାଠୀ ଯୋଗଦେଇ ବାରଙ୍ଗର ଐତିହ୍ୟମୟ ପୂର୍ବ ପରମ୍ପରା ଓ ବୁଡିଯାଉଥିବା ଲୋକକଳାକୁ ବଞ୍ଚାଇ ରଖିବାର ପ୍ରୟାସ କରାଯାଉଥିବାରୁ ମହୋତ୍ସବ କମିଟି କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ଦ୍ୱିପ୍ରହରରେ ଠାକୁର ମଦନମୋହନଙ୍କୁ କଣ୍ଟାପାଟଣାସ୍ଥିତ ମଠ ମନ୍ଦିରରୁ ଉତ୍ସବ ସ୍ଥଳକୁ ଏକ ବିରାଟ ସଂକୀର୍ତ୍ତନ ଶୋଭାଯାତ୍ରାରେ ଅଣାଯାଇଥିଲା। ପରେ ସଂକୀର୍ତ୍ତନ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସ୍ଥାନୀୟ ପ୍ରତିଭାବାନ୍ ବ୍ୟକ୍ତିବିଶେଷଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ।

## ଇଞ୍ଜିନିୟର ତାରାପଦ ତ୍ରିପାଠୀଙ୍କ ପରଲୋକ

**ଭୁବନେଶ୍ୱର, ୨୯।୧୧ (ବନ୍ଦନା ସେଠୀ)**– ଇଞ୍ଜିନିୟର ତାରାପଦ ତ୍ରିପାଠୀଙ୍କର ୮୩ବର୍ଷ ବୟସରେ ପରଲୋକ ହୋଇ ଯାଇଛି। ସେ ଦୀର୍ଘଦିନ ଧରି ମୁମ୍ବାଇରେ ପୁଅ ପାଖରେ ରହୁଥିଲେ। ଶିକ୍ଷାବିତ୍ ଗୌରୀପଦ ତ୍ରିପାଠୀ ଓ ସ୍ୱର୍ଣ୍ଣମୟୀ ତ୍ରିପାଠୀଙ୍କ ଜ୍ୟେଷ୍ଠପୁତ୍ର ଭାବେ ତାରାପଦ ୧୯୪୦ରେ ଜନ୍ମଗ୍ରହଣ କରିଥିଲେ। ବାରିପଦା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ହାଇସ୍କୁଲରୁ ଉତ୍ତୀର୍ଣ୍ଣ ହେବାପରେ ସେ ରେଭେନ୍‌ଶା ଓ ପରେ ଖଡ଼ଗ୍‌ପୁରସ୍ଥିତ ଆଇଆଇଟିରେ ଇଞ୍ଜିନିୟରିଂରେ ସ୍ୱର୍ଣ୍ଣପଦକ ସହ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ



ହୋଇଥିଲେ। ବୃତ୍ତିଗତ ଜୀବନରେ ସେ ବିଭିନ୍ନ ସରକାରୀ ଓ କର୍ପୋରେଟ୍ ସଂସ୍ଥାରେ ପଶ୍ଚିମବଙ୍ଗ, ମୁମ୍ବାଇ ଓ ହାଇଦ୍ରାବାଦ ଇତ୍ୟାଦି ସ୍ଥାନରେ କାର୍ଯ୍ୟ କରିଥିଲେ। ପରେ ଋଷିକେଶସ୍ଥିତ ରାଷ୍ଟ୍ରାୟତ ଉଦ୍ୟୋଗ ଇଣ୍ଡିଆନ୍ ଡ୍ରଗସ୍ ଏଣ୍ଡ ଫାର୍ମାସ୍ୟୁଟିକାଲସ୍‌ରେ କାର୍ଯ୍ୟକରି ସ୍ୱେଚ୍ଛାକୃତ ଅବସର ନେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ଦେବୀପ୍ରଭା, ପୁତ୍ର, ପୁତ୍ରବଧୂ ତଥା ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ମୁମ୍ବାଇଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ଓ ପୁତ୍ର ଅମିତ୍ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

# ସାଇ-ଟେକ୍: ୬୦ ସ୍କୁଲରୁ ୧୨୦ ପ୍ରୋଜେକ୍ଟ ସାମିଲ


ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ବାର୍ଷିକ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମେଳା 'ସାଇ-ଟେକ୍'କୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ଭୁବନେଶ୍ୱର, ୨୯।୧୧(ଅସମାପିକା ସାହୁ)**

ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ରେ ବାର୍ଷିକ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମେଳା 'ସାଇ-ଟେକ୍'ର ସପ୍ତମ ସଂସ୍କରଣ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ୬୦ଟି ସ୍କୁଲ ସହିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଏହି ମେଳାରେ ଅଂଶଗ୍ରହଣ କରିଥିଲେ। ଏଥିରେ ପ୍ରାୟ ୧୨୦ଟି ପ୍ରୋଜେକ୍ଟକୁ ସାମିଲ କରାଯାଇଥିଲା। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଉପରେ ରୁଚି ରଖୁଥିବା ଛାତ୍ରୀଛାତ୍ରଙ୍କୁ ଏହା ଭବିଷ୍ୟତର ନୂତନ ଉଦ୍ଭାବକ, ଗବେଷକ, କନ୍‌ସଲଟାଣ୍ଟ ଏବଂ ଡିଜାଇନର୍ ହେବାକୁ ପ୍ରେରଣା ଯୋଗାଇବ ବୋଲି ଆଶା କରାଯାଉଛି। ଡିଆର୍‌ଡିଓର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ରୋବୋଟିକ୍ସ ବିଭାଗର ପୂର୍ବତନ ଡାଇରେକ୍ଟର ଜେନେରାଲ ଆତିଥେୟନ୍ ଗୋପାଳସ୍ୱାମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସାଇଟେକ୍‌ରେ ଛାତ୍ରୀଛାତ୍ରମାନେ ନିଜର ଜ୍ଞାନ କୌଶଳ ପରିପ୍ରକାଶ କରିବାର ଏହା ଏକ ପ୍ରକୃଷ୍ଟ କ୍ଷେତ୍ର ବୋଲି ସେ ପ୍ରକାଶ କରିଥିଲେ। ସାଇ ଇଣ୍ଟରନ୍ୟାଶନାଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ କହିଲେ, ସାଇ-ଟେକ୍ ଛାତ୍ରୀଛାତ୍ରଙ୍କୁ ପୃଥିବୀର ନୂତନ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ସହିତ ଯୋଡ଼ିବାର ଏକ ଉତ୍କୃଷ୍ଟ ମଞ୍ଚ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ମନରେ ଉଦ୍ୟୋଗୀ ହେବା ପାଇଁ ଚାରାରୋପଣ କରିବା ସହିତ ସେମାନଙ୍କ ଭବିଷ୍ୟତ ନିର୍ଦ୍ଧାରଣରେ ଏହା ସହାୟକ ହେବ ବୋଲି ଡ. ସାହୁ ପ୍ରକାଶ କରିଥିଲେ। ଏହି ମେଳାରେ ବିଭିନ୍ନ ୱାର୍କସପ୍ ଯଥା ଟେକ୍ ଟକ୍, ଟେକ୍ ଫେୟାର୍, ଷ୍ଟାର୍ଟ ଅପ୍ ପାର୍କ, ଅର୍ବାନ ମୋବିଲିଟି, ଡିନୋଥିମ୍ ପାର୍କ, ଇଫ୍ ଆଇ ଓୟାର, ଜାମ୍, ସାଇନ୍ସ ଅଫ୍ କମେଡି, ମ୍ୟାଥ୍ ମେଜ୍, ଟ୍ରେସ୍ ଟୁ ଟ୍ରେଜର, ମୁଭି ସ୍କିନିଙ୍ଗ୍, ଇ-ଗେମ୍ସ, ଫନ୍ ଆଣ୍ଡ ଫୁଡ୍ ଜୋନ, ଫଟୋଗ୍ରାଫି ଆଦି ଆୟୋଜିତ ହୋଇଥିଲା। ସେହିପରି ଟେକ୍ କ୍ୟୁ(ବିଜ୍ଞାନ କୁଇଜ୍)ଇତ୍ୟାଦି ପ୍ରତିଯୋଗିତା କରାଯାଇଥିଲା। କେନ୍‌କୋ, ସ୍ପାର୍କ, ଡିବିଟି ଆଇଏଲ୍ଏସ୍, ୟଙ୍ଗ ଥିଙ୍କର୍, ଏଷ୍ଟିଆଇ, ଅର୍ବାନ ମୋବିଲିଟି, ଆଇଏମଏମଟି, ସିବାଗ୍ରିନ୍, ପ୍ଲାଷ୍ଟି ଆଇଜି ଡୋନ୍ସ, ସ୍ୟାକ୍ ରୋବୋଟିକ୍ସ, ବନ୍ ଭି ଟେକ୍ନୋଲୋଜି ପରି ବିଭିନ୍ନ କମ୍ପାନୀ ଓ ଶିକ୍ଷାନୁଷ୍ଠାନ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ କଣ୍ଠଶିଳ୍ପୀ ଶଶାଙ୍କ ଶେଖର ଓ ଗିନି ଛାତ୍ରୀଛାତ୍ରଙ୍କୁ ମନୋରଞ୍ଜନ କରାଇଥିଲେ। ସ୍କୁଲର ସିନିୟର ପ୍ରିନ୍ସପାଲ୍ ନୀଳକଣ୍ଠ ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ଜଗନ୍ନାଥ ସଡ଼କକୁ ଜାତୀୟ ରାଜପଥ ମାନ୍ୟତା ଦାବି

**ପୁରୀ,୨୯।୧୧(ଅଜିତ ମହାନ୍ତି)**

ଜଗନ୍ନାଥ ସଡ଼କକୁ ଜାତୀୟ ରାଜପଥ ମାନ୍ୟତା ଦାବିରେ ସାମାଜିକ ଅନୁଷ୍ଠାନ 'ପ୍ରୟାସ' ପକ୍ଷରୁ ଜାତୀୟ ରାଜପଥ ଆଞ୍ଚଳିକ ମୁଖ୍ୟ ବୀରେନ୍ଦ୍ର ସିଂହଙ୍କୁ ଭେଟି ଏକ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଉଲ୍ଲେଖ ହୋଇଛି ଯେ, ପୁରୀକୁ ଦକ୍ଷିଣ ଓଡ଼ିଶା ଓ ପଶ୍ଚିମ ଓଡ଼ିଶା ସହିତ ସଂଯୋଗ କରୁଥିବା ଅବିଭକ୍ତ ପୁରୀ ଜିଲାର ଜୀବନରେଖା ନୂଆ ଜଗନ୍ନାଥ ସଡ଼କ। ତେଣୁ ଉକ୍ତ ସଡ଼କକୁ ଔପଚାରିକ ଭାବେ ଜାତୀୟ ରାଜପଥ ମାନ୍ୟତା ପ୍ରଦାନ କରିବା ସହ ରାସ୍ତା କାର୍ଯ୍ୟ ଆରମ୍ଭ କରାଯାଉ। ଉକ୍ତ ସଡ଼କ ଜାତୀୟ ରାଜପଥ ମାନ୍ୟତା ପାଇବା ପାଇଁ ସମସ୍ତ ଆବଶ୍ୟକତା ପୂରଣ କରିସାରିଥିବାରୁ ଏବଂ ଏହାର ଡିପିଆର୍ ପ୍ରସ୍ତୁତ କରାଯାଇ ଭୂପୃଷ୍ଠ ପରିବହନ ମନ୍ତ୍ରଣାଳୟକୁ ୫ବର୍ଷ ପୂର୍ବରୁ ପ୍ରଦାନ କରାଯାଇ ସାରିଥିବାରୁ ଏ କ୍ଷେତ୍ରରେ ଅଗ୍ରଗତି ବିଳମ୍ବିତ ହେବା ଦୁର୍ଭାଗ୍ୟଜନକ ବୋଲି କୃଷ୍ଣଚନ୍ଦ୍ର ଜଗଦେବ ଆଲୋଚନା କାଳରେ କହିଥିଲେ। ସେହିପରି ପ୍ରୟାସ ରାଜ୍ୟ ସମ୍ପାଦକ କାମାକ୍ଷା ପ୍ରଧାନ ଜନସ୍ୱାର୍ଥ ସମ୍ବଳିତ ଏହି ପ୍ରସଙ୍ଗକୁ ଯଦି ଆଉ ଅଣଦେଖା କରାଯିବ ତେବେ ଜନ ଆନ୍ଦୋଳନ କରାଯିବ ବୋଲି କହିଥିଲେ। ଉକ୍ତ ପ୍ରତିନିଧି ମଣ୍ଡଳୀରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀନିବାସ ପାତ୍ର, ଜିଷ୍ଣୁଜୟ ମତଗଜ ସିଂ, ଅନନ୍ତ ନାରାୟଣ ମଙ୍ଗରାଜ, ରତିକାନ୍ତ ତ୍ରିପାଠୀ ଏବଂ ତରୁଣସେନ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଆଲୋକ


@ ଜିତୁ


@ ପିଙ୍କି


@ ସୁକାନ୍ତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ପୋଖରୀ ସୁରକ୍ଷା ପାଇଁ ତହସିଲଦାରଙ୍କ ପାଖରେ ଅଭିଯୋଗ

**ବାରଙ୍ଗ,୨୯।୧୧(ଲିଙ୍ଗରାଜ ରାଉତ)**

ବାରଙ୍ଗ ବ୍ଲକ ଅଧୀନ ତ୍ରିଶୂଳିଆ ଗ୍ରାମ ନିକଟସ୍ଥ ମୁଖ୍ୟ ରାସ୍ତାକଡ଼ରେ ଥିବା ଗ୍ରାମ ପୋଖରୀ ପୁନରୁଦ୍ଧାର ପାଇଁ ବୁଧବାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମା' ଶାରଳା ଆଞ୍ଚଳିକ ମଞ୍ଚ ପକ୍ଷରୁ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ଅନୁଯାୟୀ, ରାସ୍ତାକଡ଼ର ଗ୍ରାମ ପୋଖରୀକୁ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ କିଛି ଅଂଶକୁ ପୋତି ଦିଆଯାଇଛି। ପୋଖରୀର ବଳକା ଅଂଶକୁ ଗ୍ରାମବାସୀ ବ୍ୟବହାର କରୁଛନ୍ତି। ଏହି ସୁଯୋଗରେ କିଛି ଅସାଧୁ ବ୍ୟକ୍ତି ପୋଖରୀର ବଳକା ଅଂଶକୁ ମାଡ଼ି ବସିବା ସହ ନିଜ ଅକ୍ତିଆରକୁ ନେବାକୁ ଚେଷ୍ଟା କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ଏହି ପୋଖରୀ ଉପରେ ତ୍ରିଶୂଳିଆ ଗ୍ରାମବାସୀଙ୍କ ସହ ଆଖପାଖ ଅଞ୍ଚଳର ଅନେକ ଲୋକ ନିର୍ଭର କରନ୍ତି। ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟ ସହ ସ୍ନାନ, ବିବାହ, ବ୍ରତଘର, ଶୁଦ୍ଧିକ୍ରିୟା ଆଦି କାର୍ଯ୍ୟ ପାଇଁ ଏହି ପୋଖରୀ ଉପରେ ନିର୍ଭର କରିଥାନ୍ତି। ତେଣୁ ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପୋଖରୀର ସୁରକ୍ଷା ଓ ପୁନରୁଦ୍ଧାର ପାଇଁ ତ୍ରିଶୂଳିଆ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମା' ଶାରଳା ଆଞ୍ଚଳିକ ମଞ୍ଚର ମହିଳା ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

## କାର୍ତ୍ତିକେଶ୍ୱର ମହୋତ୍ସବ ଉଦ୍‌ଯାପିତ

**ବାଲିଅନ୍ତା,୨୯।୧୧(ନୀଳମାଧବ ସାହୁ)**

ବିଏମ୍‌ସିର ୪୮ନଂ. ୱାର୍ଡ ଅଧୀନ ରୁଦ୍ରପୁର-ସୁନ୍ଦରାପାଟଣା ଗ୍ରାମରେ ୬ଦିନିଆ ୪୨ତମ ବାର୍ଷିକ କାର୍ତ୍ତିକେଶ୍ୱର ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। କାର୍ତ୍ତିକେଶ୍ୱର ପୂଜା ମଣ୍ଡପରେ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଭାରେ ଅତିଥି ରୂପେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ମେୟର ସୁଲୋଚନା ଦାସ, କର୍ପୋରେଟର ସୁକୁମାର ସାହୁ, ଭାଜପା ରାଜ୍ୟ ଉପସଭାପତି ଗୋଲକ ପ୍ରସାଦ ମହାପାତ୍ର, ବିଜେଡି ଯୁବନେତା ଅକ୍ଷୟ ଲେଙ୍କା ପ୍ରମୁଖଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଭାପତି ଅଶୋକ ବେହେରା, ସମ୍ପାଦକ ପ୍ରଦୀପ୍ତ ବେହେରା, ବରିଷ୍ଠ ସଦସ୍ୟ ସନାତନ ବେହେରା, ପଞ୍ଚାନନ ସ୍ୱାଇଁ, ସୁରେନ୍ଦ୍ର ବେହେରା, ପ୍ରଶାନ୍ତ ବେହେରା, ରବୀନ୍ଦ୍ର ବେହେରା, ପଦ୍ମଲୋଚନ ବେହେରା, ଦିଗମ୍ବର ବେହେରା ଓ ନିମାଇଁ ଚରଣ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ନୂଆ ଓଡ଼ିଶାର ପରିଚାଳନା କମିଟି ବୈଠକ

**ଭୁବନେଶ୍ୱର,୨୯।୧୧ (ଅନୁରାଧା ମହାରଣା)**

ନୂଆ ଓଡିଶାର ପରିଚାଳନା କମିଟି ବୈଠକ ଖାରବେଳ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିକେନ୍ଦ୍ରୀକରଣ, ଜିଲା ଦକ୍ଷତା ବିକାଶ ଏବଂ ଜିଲା ସ୍ତରରେ ଶିଳାନ୍ୟାସ ସ୍ୱତନ୍ତ୍ର ପ୍ରକଳ୍ପ ପାଇଁ ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯାଇଛି। ଦକ୍ଷତାକୁ ତୃଣମୂଳ ସ୍ତରରେ ପହଞ୍ଚାଇ ନୂଆ ଓଡିଶା ସହିତ ପରିଚାଳନା କମିଟି ପ୍ରତ୍ୟେକ ଜିଲାର ଲୁକ୍କାୟିତ ସମ୍ଭାବନାକୁ ଖୋଜି, ଏକ ଦୃଢ ତଥା ବିବିଧ କର୍ମଜୀବୀ ସୃଷ୍ଟି କରିବାର ଲକ୍ଷ୍ୟ ରଖିଛି ବୋଲି ସେ କହିଥିଲେ। ପରିଚାଳନା କମିଟି, ସ୍ଥାନୀୟ କର୍ମଚାରୀଙ୍କ ଅନ୍ତର୍ନିହିତ ପ୍ରତିଭା ଏବଂ ସାମର୍ଥ୍ୟକୁ ଉପଯୋଗ କରିବା ପାଇଁ ପଦକ୍ଷେପ ପ୍ରସ୍ତୁତ କରି ସମୁଦାୟକୁ ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ସ୍ତରରେ ସ୍ୱତନ୍ତ୍ର ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯିବା ଏହି ବୈଠକର ଏକ ପ୍ରମୁଖ ଲକ୍ଷ୍ୟ ଥିଲା। ବୈଠକରେ ଆଲୋଚନା ହୋଇଥିବା ପଦକ୍ଷେପଗୁଡ଼ିକ


ବୈଠକରେ ପ୍ରମୁଖ ଶାସନ ସଚିବ ଉଷା ପାଢୀ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଓଡ଼ିଶାକୁ ଏକ କୁଶଳୀ ଓ ବୃତ୍ତିଗତ କେନ୍ଦ୍ରରେ ପରିଣତ କରିବା ସହିତ ପ୍ରଗତି ପଥରେ ଯେପରି କୌଣସି ସମ୍ପ୍ରଦାୟ ପଛରେ ରହିବେ ନାହିଁ ସେଥିପ୍ରତି ଦୃଷ୍ଟି ଦିଆଯିବ । ଏହି ପଦକ୍ଷେପଗୁଡିକର କାର୍ଯ୍ୟାନ୍ୱୟନରେ ସକ୍ରିୟ ଅଂଶଗ୍ରହଣ କରିବାକୁ ହିତାଧିକାରୀ, ଗୋଷ୍ଠିସମୂହ ଏବଂ ବ୍ୟକ୍ତି ବିଶେଷଙ୍କୁ ନିମନ୍ତ୍ରଣ କରାଯାଇଛି । ବୈଠକରେ ନିର୍ଦ୍ଦେଶକ, ଦକ୍ଷତା ବିକାଶ ତଥା ନିଯୁକ୍ତି ନିର୍ଦ୍ଦେଶକ, ଅତିରିକ୍ତ ସଚିବ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ ।

# ଗଣକବିଙ୍କ ଲେଖନୀ ସମସ୍ତଙ୍କ ପାଇଁ କ୍ରିୟାଶୀଳ ଥିଲା: ରାଜ୍ୟପାଳ

### ବୈଷ୍ଣବ ପାଣିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ

**ଭୁବନେଶ୍ୱର, ୨୯।୧୧(ଅସମାପିକା ସାହୁ)**

ସାହିତ୍ୟ ହେଉଛି ସମାଜର ପ୍ରତିବିମ୍ବ, ପ୍ରତିରୂପ ଓ ପ୍ରତିଛବି। ସମାଜର ପ୍ରତ୍ୟେକ ଦୃଶ୍ୟ ଓ ଘଟଣା ସାହିତ୍ୟରେ ପ୍ରତିଫଳିତ ହୋଇଥାଏ ବୋଲି ରାଜ୍ୟପାଳ ରଘୁବର ଦାସ ପ୍ରକାଶ କରିଛନ୍ତି। ବୁଧବାର ସୂଚନା ଭବନଠାରେ ଗଣକବି ବୈଷ୍ଣବ ପାଣିଙ୍କ ୧୪୧ତମ ଜୟନ୍ତୀ ଉତ୍ସବରେ ଯୋଗଦେଇ ରାଜ୍ୟପାଳ କହିଲେ, ଲୋକପ୍ରିୟ କବି, ମହାନ ସାରସ୍ୱତ ସାଧକ ଓ ସଫଳ ଅଭିନେତା ଭାବରେ ଗଣକବି ବିପୁଳ ଶ୍ରଦ୍ଧା ଓ ସମ୍ମାନରେ ଅଧିକାରୀ ହୋଇପାରିଥିଲେ। ସେ ନିଜ ସର୍ଜନା ମାଧ୍ୟମରେ ସମାଜକୁ ମାର୍ଗଦର୍ଶନ କରାଇବା ସହ ଉଚ୍ଚତର ଚେତନାର ଉତ୍‌ପ୍ରେରକ ଥିଲେ। ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧି ପାଇଁ ତାଙ୍କର ଅବଦାନ ଅବିସ୍ମରଣୀୟ। ସମାଜରେ


ରାଜ୍ୟପାଳ ରଘୁବର ଦାସ ବିଶିଷ୍ଟ ସଙ୍ଗୀତଜ୍ଞ ପ୍ରେମ ଆନନ୍ଦଙ୍କୁ 'ଗଣକବି ସମ୍ମାନ' ପ୍ରଦାନ କରୁଛନ୍ତି।

ସମସ୍ତଙ୍କର ବିକାଶ ଓ ସମସ୍ତଙ୍କୁ ସମାନ ଅଧିକାର ମିଳିବା ପାଇଁ ତାଙ୍କର ଲେଖନୀ କ୍ରିୟାଶୀଳ ଥିଲା। ବୈଷ୍ଣବ ପାଣିଙ୍କ ରଚନାର ସାକାର ପ୍ରୟୋଗ ହେଉ ବୋଲି ରାଜ୍ୟପାଳ କହିଛନ୍ତି।

ଉତ୍ସବରେ ଗଣକବି ବୈଷ୍ଣବ ପାଣି ସ୍ମୃତି ସଂସଦର ଅଧ୍ୟକ୍ଷ ତଥା ବିଧାୟକ ପ୍ରତାପ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସ୍ମୃତି ପରିଷଦ ସମ୍ପାଦକ ନିରଞ୍ଜନ ପ୍ରଧାନ, ଉପସଭାପତି ରଜନୀକାନ୍ତ ପରିଡ଼ା ପ୍ରମୁଖ ଗଣକବିଙ୍କ ସର୍ଜନା, ସାଧନା ଓ ସିଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଶିଷ୍ଟ ସଙ୍ଗୀତଜ୍ଞ ପ୍ରେମ ଆନନ୍ଦଙ୍କୁ 'ଗଣକବି ସମ୍ମାନ' ଦିଆଯାଇଥିବା ବେଳେ ପଲ୍ଲୀ ମଙ୍ଗଳ ସାଂସ୍କୃତିକ ସଂସଦକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜୟନ୍ତୀ ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲେ। ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଯୁକ୍ତ୨ ପରୀକ୍ଷା କେନ୍ଦ୍ରର ଲାଇଭ୍ ଷ୍ଟ୍ରିମିଂ ହେବ

**ଭୁବନେଶ୍ୱର,୨୯।୧୧(ଅନୁରାଧା ମହାରଣା):** ରାଜ୍ୟର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ବାର୍ଷିକ ପରୀକ୍ଷାକୁ ସ୍ୱଚ୍ଛ କରିବା ପାଇଁ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସମସ୍ତ ପରୀକ୍ଷାକେନ୍ଦ୍ର ଓ ଷ୍ଟ୍ରଙ୍ଗରୁମ୍‌ରେ ସିସିଟିଭି ଲାଗିଛି କି ନାହିଁ ଏବଂ ଲାଗିଥିଲେ ଠିକ୍ ଭାବେ କାର୍ଯ୍ୟ କରୁଛି କି ନାହିଁ, ତାହାର ତର୍ଜମା କରିବାକୁ ସମସ୍ତ ଜୁନିଅର କଲେଜ ଅଧ୍ୟକ୍ଷଙ୍କୁ ପରିଷଦ ପକ୍ଷରୁ ଚିଠି ଲେଖାଯାଇଛି। ପରୀକ୍ଷା ହେବାକୁ ଥିବା ସମସ୍ତ ସେଣ୍ଟରର ସୁପରିଣ୍ଟେଣ୍ଡେଣ୍ଟ ଅଫିସ୍ ଓ ଲାବରେଟୋରିରେ ମଧ୍ୟ ସିସିଟିଭି ଲଗାଯିବ। ଏହାବ୍ୟତୀତ ପରୀକ୍ଷା କେନ୍ଦ୍ରଗୁଡ଼ିକର ଲାଇଭ୍ ଷ୍ଟ୍ରିମିଂ ମଧ୍ୟ କରାଯିବ। ତେବେ ୧୫ ଡିସେମ୍ବର ପୂର୍ବରୁ ଏନେଇ ସମସ୍ତ ବ୍ୟବସ୍ଥା କରାଯିବାକୁ ଚିଠିରେ ଉଲ୍ଲେଖ ରହିଛି। ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବା ପୂର୍ବରୁ କ୍ୟାମେରାଗୁଡ଼ିକ ଯାଞ୍ଚ କରାଯିବ। ତେବେ ପରୀକ୍ଷା ପରିଚାଳନା ହବ୍ ଘୋଷଣା କରାଯାଇଥିବା ଶିକ୍ଷାନୁଷ୍ଠାନ ଏବଂ ନୂତନ ଭାବେ ପରୀକ୍ଷାକେନ୍ଦ୍ର ପାଇଁ ଆବେଦନ କରିଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ଡିଭିଆର୍/ଏନ୍‌ଭିଆର୍/ ଇନଷ୍ଟଲ କ୍ଲାଉଡ୍, ଇଣ୍ଟରନେଟ୍ ସଂଯୋଗ, ଷ୍ଟାଟିକ୍ ଆଇପି ଆଡ୍ରେସ୍, କ୍ୟାମେରା ଆଦି ଉପଲବ୍ଧ ରଖିବା ପାଇଁ ନିର୍ଦ୍ଦେଶ ରହିଛି। ଏପରିକି ଉକ୍ତ ଜୁନିଅର କଲେଜଗୁଡ଼ିକ ଏନେଇ ସମସ୍ତ ତଥ୍ୟ ୧୫ ତାରିଖ ପୂର୍ବରୁ ସାମସ୍ ଇ-ସ୍ପେସ୍‌ରେ ଦାଖଲ କରିବେ। ଏଥିରେ ଖିଲାପ କଲେ ସଂପୃକ୍ତ ଶିକ୍ଷାନୁଷ୍ଠାନ ବିରୋଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠିରେ ସ୍ପଷ୍ଟ କରାଯାଇଛି।

### ବାଲିଘାଟରେ ଗଣ୍ଡଗୋଳ ଘଟଣା, ୫ ଗିରଫ

**କଟକ ସଦର,୨୯।୧୧(ସୁଶାନ୍ତ କୁମାର ଜେନା):** ୪୨ ମୌଜା ଥାନା ଅନ୍ତର୍ଗତ ସିଉଆ ନଦୀର ଆଇତଲଙ୍ଗ ବାଲିଘାଟ ଘଟିଥିବା ଗଣ୍ଡଗୋଳ ଘଟଣାରେ ପୋଲିସ ୫ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ କଦମପଡ଼ା ଗ୍ରାମର ବିକାଶ କାଳିଆ, ଗୋବିନ୍ଦପୁର ଗ୍ରାମର ହିମାଂଶୁ ନାୟକ, ମଧୁପାଟଣା ଥାନା ଅନ୍ତର୍ଗତ ସାର୍ତ୍ତୋଳ ଅଞ୍ଚଳର ବିକ୍ରମ କେଶରୀ ବସ୍ତିଆ, ନୂଆପଡ଼ା ବାଲିସାହିର ସୁଜିତ୍ କୁମାର ଦାସ ଓ ପିଣ୍ଟୁ ଭୋଇ। ସେମାନଙ୍କଠାରୁ ଗଣ୍ଡଗୋଳରେ ବ୍ୟବହୃତ ଖଣ୍ଡା, ଲୁହାରଡ୍, ୬ଟି ମୋବାଇଲ ଫୋନ ଜବତ କରାଯାଇଛି। ଗତ ୧୬ ତାରିଖ ରାତିରେ ଅଭିଯୁକ୍ତମାନେ ଦାଦବାଟି ପାଇଁ ବାଲିଘାଟ କର୍ମଚାରୀଙ୍କ ଉପରେ ଅତର୍କିତ ଭାବେ ଆକ୍ରମଣ କରିବାରୁ ୩ ଜଣ ଗୁରୁତର ହୋଇଥିଲେ। ଏ ନେଇ ବାଲିଘାଟ ଲିଜ୍‌ଧାରୀ ପ୍ରତାପ ପାତ୍ର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୩୮୩/୨୩) ରୁଜୁ କରିଥିଲା।

### ବିଦ୍ୟାଳୟସ୍ତରୀୟ ଗଣିତ, ବିଜ୍ଞାନ, ପରିବେଶ ପ୍ରଦର୍ଶନୀ ସାମନ୍ତରାୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

**ମାହାଙ୍ଗା, ୨୯।୧୧(ଯଯାତି ସିଂହ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ବାସୁଦେବପୁର ପଞ୍ଚାୟତସ୍ଥିତ ସାମନ୍ତରାୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ଗଣିତ, ବିଜ୍ଞାନ ଓ ପରିବେଶ ପ୍ରଦର୍ଶନୀ ମେଳା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିବାକର ସଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିଆର୍‌ସିସି ଅଦ୍ୱୈତ୍ୟ ବଲ୍ଲଭ ରାଉତ, ମୁଖ୍ୟବକ୍ତା ଭାବେ ଶିକ୍ଷକ ତରୁଣ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଘିସୁଁଆ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚରଣ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସେକ ସାହାବୁଦ୍ଦିନ ପ୍ରମୁଖ ଯୋଗଦେଇଥିଲେ। ସେମାନେ ମେଳା ବୁଲି ଦେଖିବା ସହ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶିକ୍ଷୟିତ୍ରୀ ସ୍ମୃତି ଲିପ୍ସା ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ରବୀନ୍ଦ୍ର ଦେହୁରୀ, ଦେବକାନ୍ତ ସାମଲ ପ୍ରମୁଖଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ପରିକ୍ଷିତ ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷକ ଅୟେସକାନ୍ତ ସାମଲ ଧନ୍ୟବାଦ ଦେଇଥିଲେ। ଏହି ପ୍ରଦର୍ଶନୀରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପ୍ରମାଣ ପତ୍ର ଓ ମେଡାଲ ପ୍ରଦାନ କରିଥିଲେ।

# ଚୋରା ମଦ କାରବାରର ମୁଖ୍ୟ ସାଜିଛନ୍ତି ମହିଳା

**ନିଶ୍ଚିନ୍ତକୋଇଲି, ୨୯।୧୧ (ଅଶୋକ କୁମାର ମହାପାତ୍ର)**

### ୨ ସ୍ଥାନରେ ଚଢ଼ାଉ, ୨୨ ଲିଟର ମଦ ଜବତ: ୨ ମହିଳା ଗିରଫ

ବେଆଇନ ମଦ କାରବାର ଉପରେ ସରକାର ରୋକ ଲଗାଇବାକୁ ଅବକାରୀ ବିଭାଗ କଡ଼ା ପଦକ୍ଷେପ ନେଉଛି। କିନ୍ତୁ ଏବେ ପୁରୁଷଙ୍କ ଅପେକ୍ଷା ମହିଳାମାନେ ଖୁଲମ ଖୁଲା ଭାବେ ବେଆଇନ ଦେଶୀ ମଦ କାରବାର କରୁଥିବା ଦେଖିବାକୁ ମିଳିଛି। ଫଳରେ ସେମାନଙ୍କୁ କାବୁ କରିବା ଉଭୟ ପୋଲିସ ଓ ଅବକାରୀ ବିଭାଗ ପାଇଁ କାଠିକର ପାଠ ହେଉଛି। କଟକ ଜିଲା ନିଶ୍ଚିନ୍ତକୋଇଲି ଅବକାରୀ ଥାନା ଅଧୀନରେ ଥିବା ଜିଗ୍ନିପୁର ଓ ବାଲିଆପଦାରୁ ପୃଥକ୍ ଭାବେ ୨ ସ୍ଥାନରେ ବୁଧବାର ଚଢ଼ାଉ କରାଯାଇ ୨୨ ଲିଟର ମଦ ଜବତ କରାଯିବା ସହ ୨ଜଣ ମହିଳାଙ୍କୁ ଗିରଫ କରାଯାଇଛି। ନିଶ୍ଚିନ୍ତକୋଇଲି, ସାଲେପୁର ଅବକାରୀ ବିଭାଗ ପକ୍ଷରୁ ନିଶ୍ଚିନ୍ତକୋଇଲି ଅଞ୍ଚଳରେ ମିଳିତ ଭାବେ ଏହି ଚଢାଉ କରାଯାଇଥିଲା।

ଦୀର୍ଘ ବର୍ଷ ହେଲା ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ବ୍ରହ୍ମକ୍ଷେତ୍ରସ୍ଥିତ ଶ୍ରୀ ଶ୍ରୀବଳଦେବଜୀଉ ମନ୍ଦିର ଟ୍ରଷ୍ଟବୋର୍ଡର ପ୍ରାକ୍ତନ ଟ୍ରଷ୍ଟି କୃଷ୍ଣମୋହନ ମହାନ୍ତିଙ୍କ ଘରକୁ ଅନ୍ନପୂର୍ଣ୍ଣା ପତି ଭଡା ସୂତ୍ରରେ ନେଇ ରହି ଆସୁଥିଲେ। ଏହି ଘରଟି ସ୍ଥାନୀୟ ମାଉସୀ ମା' ମନ୍ଦିର ନିକଟରେ ଅବସ୍ଥିତ। ତେବେ ଅନ୍ନପୂର୍ଣ୍ଣା ସ୍ଥାନୀୟ ବାଳକୃଷ୍ଣ ବିଦ୍ୟାନିକେତନରେ ରୋଷେୟା ରୂପେ କାର୍ଯ୍ୟ କରିବା ସହ ଅବାଧରେ ଦେଶୀ ଓ ବିଦେଶୀ ମଦ ଚୋରା ବ୍ୟବସାୟ କରି ଆସୁଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଅବକାରୀ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ନିଶ୍ଚିନ୍ତକୋଇଲି ଓ ସାଲେପୁର ଅବକାରୀ ପକ୍ଷରୁ ଚଢାଉ କରାଯାଇ ତାଙ୍କ ଘରୁ ୧୨ଲିଟର ଦେଶୀ ମଦ ଜବତ କରାଯିବା ସହ ଅନ୍ନପୂର୍ଣ୍ଣାଙ୍କୁ ଗିରଫ କରାଯାଇଛି। ଏ ନେଇ ଅବକାରୀ ଥାନା ପକ୍ଷରୁ ନଂ. ୫୯/୨୩-୨୪ରେ ମାମଲା ରୁଜୁ ହୋଇଛି। ସେହିପରି ବାଲିଆପଦା ଗ୍ରାମର ମଞ୍ଜୁଲତା ମଲିକ ଦୀର୍ଘଦିନ ହେଲା ଅବାଧରେ ମଦ ବ୍ୟବସାୟ କରି ଆସୁଥିଲେ। ଅବକାରୀ ବିଭାଗ ପକ୍ଷରୁ ତାଙ୍କ ଘର ଉପରେ ଚଢାଉ କରାଯାଇ ୧୦ ଲିଟର ଦେଶୀ ମଦ ଜବତ କରାଯିବା ସହ ନଂ. ୬୦/୨୩-୨୪ରେ ମାମଲା ରୁଜୁ କରାଯାଇଛି। ଏହି ଦୁଇ ମହିଳାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଇନ୍ସପେକ୍ଟର ମାନସୀ ନାୟକଙ୍କ ସୂତ୍ରରୁ ପ୍ରକାଶ।

# 'ଯୁବ ବିକାଶ ଦ୍ୱାରା ବିଦ୍ୟାର୍ଥୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ହେବ'



ଯୁବ ବିକାଶ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**କଟକ,୨୯।୧୧ (କାର୍ତ୍ତିକ ସାହୁ)**

### ଖ୍ରୀଷ୍ଟ କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଖ୍ରୀଷ୍ଟ କଲେଜରେ ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଉତ୍ସବକୁ ଉଦ୍‌ଘାଟନ କରି କହିଛନ୍ତି, ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ ଦ୍ୱାରା ବିଦ୍ୟାର୍ଥୀମାନଙ୍କର ଅନ୍ତର୍ନିହିତ ପ୍ରତିଭାର ଯଥାର୍ଥ ପରିପ୍ରକାଶ ହୋଇପାରିବ। ସମ୍ମାନିତ ଅତିଥି ବିଜେଡି ଜିଲା ସଭାପତି ଦେବାଶିଷ ସାମନ୍ତରାୟ ବିଦ୍ୟାର୍ଥୀମାନଙ୍କୁ ଯୁବ ଓଡ଼ିଶା ନବୀନ ଓଡ଼ିଶା ଗଠନ ଦିଗରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। କଲେଜ ପରିଚାଳନା ସମିତି ସଭାପତି ଅନୁପମ ପାତ୍ର ଓ ସମ୍ପାଦକ ବିକାଶ ଚନ୍ଦ୍ର ରାଉତ କଲେଜର ଇତିହାସ ଏବଂ ବିଦ୍ୟାର୍ଥୀମାନଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। କଲେଜ ଅଧ୍ୟକ୍ଷା ମଧୁମିତା ପାତ୍ର ସ୍ୱାଗତ ଭାଷଣ, ଅଧ୍ୟାପକ ଡ. ଦୈତ୍ୟାରୀ ଶୁକ୍ଲ ଅତିଥି ପରିଚୟ, ଅଧ୍ୟାପିକା ଡ. ଜିତା ରାୟ କାର୍ଯ୍ୟକ୍ରମ ସଂଯୋଜନା ଓ ପ୍ରାଧ୍ୟାପିକା ଡ. ଦେବଯାନୀ ଦାଶ ଧନ୍ୟବାଦ ଦେଇଥିଲେ। କଲେଜର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ସରକାରଙ୍କ 'ନୂଆ-ଓ' ବାର୍ତ୍ତାକୁ ପ୍ରଚାର ପ୍ରସାର କରିବା ପାଇଁ ବିଦ୍ୟାର୍ଥୀମାନେ ବିଭିନ୍ନ ପ୍ଲାକାର୍ଡ ଧରି ସାଇକେଲ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପ୍ରାଧ୍ୟାପକ ଶୋଭନ ପଣ୍ଡା, ଡ. ସାରଦା ପ୍ରସାଦ କର, ଡ. ଅଶୋକ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ସେମିରେ ମଞ୍ଚେଶ୍ୱର କ୍ରିକେଟ କ୍ଲବ

**ବାଙ୍କୀ,୨୯।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀ ଆଥଲେଟିକ୍ ଆସୋସିଏଶନ୍ ଆନୁକୂଲ୍ୟରେ ଅନୁଷ୍ଠିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର କ୍ୱାର୍ଟର ଫାଇନାଲ୍‌ରେ ମଞ୍ଚେଶ୍ୱର କ୍ରିକେଟ କ୍ଲବ ସହ ସୁରପ୍ରତାପ କ୍ରିକେଟ କ୍ଲବ ଢେଙ୍କାନାଳ ମଧ୍ୟରେ ହୋଇଥିଲା। ଟସ୍ ଜିତି ମଞ୍ଚେଶ୍ୱର କ୍ରିକେଟ୍ କ୍ଲବ ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ପକ୍ଷରୁ ବିଶ୍ୱଜିତ୍ ମହାପାତ୍ର ୨୮ ବଲ୍‌ରୁ ୫୧ରନ୍ କରିଥିବା ବେଳେ ଏଏସ୍‌କେ ସଲମାନ୍ ୨୬ ବଲ୍‌ରୁ ୮୭ରନ୍ ସଂଗ୍ରହ କରି ୩୪୮ରନ ସ୍କୋର କରିଥିଲେ। ଢେଙ୍କାନାଳ ଦଳ ପକ୍ଷରୁ ବିକାଶ ରାଉତ ସର୍ବାଧିକ ୩ଟି ଉଇକେଟ୍ ଅକ୍ତିଆର କରିଥିଲେ। ୩୪୯ ରନ୍‌ର ପିଛା କରି ଢେଙ୍କାନାଳ ୨୬୮ରନ୍ କରିପାରିଥିଲା। ଫଳରେ ମଞ୍ଚେଶ୍ୱର କ୍ରିକେଟ କ୍ଲବ ୮୦ରନ ବ୍ୟବଧାନରେ ମ୍ୟାଚକୁ ଜିତି ସେମି ଫାଇନାଲରେ ପ୍ରବେଶ କରିଛି। ଢେଙ୍କାନାଳ ଦଳ ପକ୍ଷରୁ ମୁସ୍ତାକ ବେଗ୍ ୨୩ ବଲ୍‌ରୁ ୭୮ରନ କରିଥିବାବେଳେ ମୃତ୍ୟୁଞ୍ଜୟ ମାନସିଂହ ୨୨ ବଲ୍‌ରୁ ୬୦ରନ୍ କରିଥିଲେ। ମଞ୍ଚେଶ୍ୱର ପକ୍ଷରୁ ବିବେକ ଏବଂ ସଲମାନ୍ ୨ଟି ଲେଖାଏ ଉଇକେଟ ନେଇଥିଲେ। ଏସ୍.କେ.ସଲମାନ୍ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଖେଳରେ ମୁଖ୍ୟଅତିଥି ଭାବେ ଦୁର୍ଗାପୁର ସରପଞ୍ଚଙ୍କ ପ୍ରତିନିଧି ମଣ୍ଟୁ ବେହେରା ଓ ସମିତିସଭ୍ୟ ଶ୍ରୀକାନ୍ତ ଦାଶ ଏବଂ ସମ୍ମାନିତ ଅତିଥି ଭାବେ ଚିନ୍ତାମଣି ବେହେରା ଯୋଗଦେଇଥିଲେ। ରାଜକିଶୋର ମହାପାତ୍ର ଓ କେଶବ ମଙ୍ଗୁଆଳ ଖେଳକୁ ପରିଚାଳନା କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଆଲୋକ



@ ଜିତୁ



@ ପିଙ୍କି



@ ସୁକାନ୍ତି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଭାଜପାର ସ୍ମାରକପତ୍ର



ଆଠଗଡ଼ ଉପଜିଲାପାଳଙ୍କୁ ଭାଜପା ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ବାଙ୍କୀ/ଆଠଗଡ଼,୨୯।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ସତ୍ୟ ପ୍ରସାଦ ରଥ)**

ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ବାଙ୍କୀ ଓ ଆଠଗଡ଼ଠାରେ ଧାନମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ, ଚାଷୀ ଆତ୍ମହତ୍ୟା, ସମବାୟ ଋଣ ଦୁର୍ନୀତି, କୃଷି ସଂରଯାମ କିଣାରେ ଦୁର୍ନୀତିକୁ ନେଇ ପ୍ରତିବାଦ କରାଯାଇଛି। ଏହାକୁ ନେଇ ୨ ସ୍ଥାନରେ ଉପଜିଲାପାଳଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦିଆଯାଇଛି।

ବାଙ୍କୀ ଭାଜପା କୃଷକ ମୋର୍ଚ୍ଚା ଜିଲା ସଂଯୋଜକ ସିଦ୍ଧେଶ୍ୱର ପାଇକରାୟଙ୍କ ନେତୃତ୍ୱରେ ସଭ୍ୟ ପଦ୍ମଲୋଚନ ନାୟକ, ପ୍ରଭାତ ରଣା, ସୁଧୀର ଚନ୍ଦ୍ର ନାୟକ, ଅଶୋକ ଗୁରୁ, ଚନ୍ଦନ କୁମାର ନାୟକଙ୍କ ସମେତ କାର୍ଯ୍ୟକର୍ତ୍ତା ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ। ସେହିପରି ଆଠଗଡ଼ଠାରେ ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶଙ୍କର୍ଷଣ ମହାନ୍ତିଙ୍କ ନେତୃତ୍ୱରେ ଭାଜପା ଜିଲା କୃଷକ ମୋର୍ଚ୍ଚା ଉପସଭାପତି ଜଗଦାନନ୍ଦ ତ୍ରିପାଠୀ, ବିବେକାନନ୍ଦ ବେଉରା, ପ୍ରକାଶ କୁମାର ସେଠୀ, ପୀତବାସ ନାଏକ, ଦିଲୀପ ସେଠୀ, ଦେବରାଜ ସ୍ୱାଇଁ, ବିଜୟ ପରିଡା ପ୍ରମୁଖ ଉପଜିଲାପାଳ ପ୍ରଶାନ୍ତ କୁମାର ତରେଇଙ୍କୁ କାର୍ଯ୍ୟାଳୟରେ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାର କୃଷକଙ୍କର ଆୟକୁ ଦ୍ୱିଗୁଣିତ କରିବାକୁ ପଠାଉଥିବା ଅର୍ଥକୁ ଠିକ୍ ଭାବେ ବିନିଯୋଗ ହେଉନାହିଁ। ୨୩ବର୍ଷ ରାଜ୍ୟ ସରକାରଙ୍କ ଶାସନ କାଳରେ ଚାଷଜମିକୁ ଜଳସେଚନ ହୋଇପାରିଲାନାହିଁ। ପୂର୍ବରୁ ରାଜ୍ୟରେ ଥିବା ୧୧୨ଟି ଶୀତଳଭଣ୍ଡାର ମଧ୍ୟରୁ ମାତ୍ର ୮ଟି କାର୍ଯ୍ୟକ୍ଷମ ଅଛି। ସେପ୍ଟେମ୍ବର ୧ରେ ଧାନମଣ୍ଡି ଖୋଲିବାକୁ ସରକାର ଘୋଷଣା କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ରାଜ୍ୟରେ ଧାନମଣ୍ଡି ଖୋଲିଲା ନାହିଁ। ଯାହାଦ୍ୱାରା ଚାଷୀମାନେ ବାଧ୍ୟ ହୋଇ କମ୍ ଦାମ୍‌ରେ ଦଲାଲମାନଙ୍କୁ ଧାନ ବିକୁଛନ୍ତି। ରାଜ୍ୟ ସରକାର ଅତିଶୀଘ୍ର ଧାନମଣ୍ଡି ଖୋଲିବା ସହ ଧାନ କିଣା କାରବାରରେ କଟନୀଛଟନୀ ବନ୍ଦ କରାଯାଉ। ଧାନକିଣା କାରବାରରେ ଟୋକନ ବ୍ୟବସ୍ଥାକୁ ଉଚ୍ଛେଦ କରାଯିବାକୁ ଦାବି କରାଯାଇଛି।

# ରାଷ୍ଟ୍ରପତିଙ୍କୁ ଭେଟିଲା ଶତବାର୍ଷିକୀ କମିଟି

### ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ବାଙ୍କୀର ଶତବାର୍ଷିକ ସମାରୋହ

**ବାଙ୍କୀ,୨୯।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**



ରାଜଭବନରେ କମିଟିର ସଦସ୍ୟମାନେ ରାଷ୍ଟ୍ରପତିଙ୍କୁ ଭେଟୁଛନ୍ତି।

ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ବାଙ୍କୀର ଶତବାର୍ଷିକ କମିଟିର ସଭାପତି ଭବାନୀ ପଣ୍ଡିତ, ଭୁବନେଶ୍ୱର ସଂଯୋଜକ ନୀଳମୋହନ ତ୍ରିପାଠୀ ଓ ଡ. ପୂର୍ଣ୍ଣଚନ୍ଦ୍ର ବାହିନୀପତି ୨୬ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଜଭବନରେ ସାକ୍ଷାତ କରିଥିଲେ। ବିଦ୍ୟାପୀଠର ଶତବାର୍ଷିକ ସମାରୋହ ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେବାକୁ ଅନୁରୋଧ କରିଥିଲେ। ରାଷ୍ଟ୍ରପତି ମୁର୍ମୁ ବାଙ୍କୀ ହାଇସ୍କୁଲ ଶତବାର୍ଷିକୀ ସମାରୋହରେ ଯୋଗଦେବା ପାଇଁ ବିଚାର କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ବାଙ୍କୀ ପ୍ରଗତି ପରିଷଦର ସଭାପତି ନୀଳମୋହନ ତ୍ରିପାଠୀ ପ୍ରଗତି ପରିଷଦର ମୁଖପତ୍ର 'ରେଣୁକା' ପତ୍ରିକାକୁ ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଥିଲେ।

# ୨୦୦୫ରୁ ନିଯୁକ୍ତ କର୍ମଚାରୀ ପାଇବେ ପେନ୍‌ସନ

### କଟକ ଡେଭେଲପମେଣ୍ଟ ଅଥରିଟି କର୍ମଚାରୀଙ୍କୁ ପେନ୍‌ସନ ପ୍ରଦାନ ମାମଲା

**କଟକ,୨୯।୧୧ (କାର୍ତ୍ତିକ ସାହୁ)**

କଟକ ଡେଭେଲପମେଣ୍ଟ ଅଥରିଟି ଅଧୀନରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଏଣିକି ରାଜ୍ୟ ସରକାର ଧାର୍ଯ୍ୟ ବ୍ୟବସ୍ଥା ଅନୁଯାୟୀ ପେନ୍‌ସନ୍ ଓ ସମସ୍ତ ସୁବିଧା ପାଇବେ। ବିଶେଷକରି ୨୦୦୫ ଜାନୁୟାରୀ ୧ ପରଠାରୁ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ପାଇଁ ଏହା ଏକ ସୁ-ଖବର ହୋଇଛି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବି. ଆର୍. ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତୀୟ ମାମଲାର ରାୟ ବୁଧବାର ପ୍ରକାଶ କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ମାମଲା ବିବରଣୀ ଅନୁସାରେ, ଓଡ଼ିଶା ଡେଭେଲପମେଣ୍ଟ ଅଥରିଟିଜ୍ ରିଟାୟାରମେଣ୍ଟ ବେନିଫିଟ୍ ଅଫ୍ ଦି ଏମ୍ପ୍ଲଇଜ୍ ରୁଲସ୍ ୨୦୧୫ ଆକ୍ଟ ଅନୁସାରେ ୨୦୦୫ ଜାନୁୟାରୀ ୧ ପରଠାରୁ ନିଯୁକ୍ତି ପାଇଥିବା କର୍ମଚାରୀମାନେ ପେନ୍‌ସନ ଓ ପ୍ରୋଭିଡେଣ୍ଟ ଫଣ୍ଡ ବେନିଫିଟ୍ ପାଇବାରୁ ବଞ୍ଚିତ ହୋଇଥିଲେ। ଓଡ଼ିଶା ଡେଭେଲପମେଣ୍ଟ ଅଥରିଟିଜ୍ ଆକ୍ଟ ୧୯୮୨ ଏବଂ ଭାରତୀୟ ସମ୍ବିଧାନର ୧୪ ଓ ୧୬ ଧାରାରେ ଥିବା ବ୍ୟବସ୍ଥା ଅନୁଯାୟୀ ଉପରୋକ୍ତ ୨୦୧୫ ଆକ୍ଟ କର୍ମଚାରୀମାନଙ୍କ ମଧ୍ୟରେ ଏକ ଶ୍ରେଣୀ ବିଭାଗ କରୁଥିଲା। ଏହି ଅନୁଷ୍ଠାନରେ ସମସ୍ତ କର୍ମଚାରୀ ସମାନ ପ୍ରକାର କାର୍ଯ୍ୟ କରୁଥିବାବେଳେ ତାହା ଭାରତୀୟ ସମ୍ବିଧାନର ଧାରା ୧୪ ଓ ୧୬କୁ ଉଲ୍ଲଂଘନ କରୁଥିଲା। ତେଣୁ ଅଦାଲତ ବିଭିନ୍ନ ଦିଗକୁ ବିଚାର କରି କଟକ ଡେଭେଲପମେଣ୍ଟ ଅଥରିଟି ଅଧୀନରେ ୨୦୦୫ ଜାନୁୟାରୀ ୧ ପୂର୍ବରୁ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ଭଳି ପରେ ନିଯୁକ୍ତି ପାଇଥିବା କର୍ମଚାରୀମାନେ ଆଇନ ଅନୁଯାୟୀ ସମାନ ଭାବେ ପେନ୍‌ସନ୍ ଓ ପ୍ରୋଭିଡେଣ୍ଟ ଫଣ୍ଡ ବେନିଫିଟ୍ ପାଇବେ ବୋଲି ହାଇକୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଆବେଦନକାରୀ ଭୁବନ ମୋହନ ଦାଶଙ୍କ ପକ୍ଷରୁ ଆଗତ ଏହି ମାମଲାକୁ ଏସ୍. କେ. ଦାଶ, ଏ. କେ. ହୋତା, ଏ. ଧଳସାମନ୍ତ, ବି.ପି. ଧଳ ଓ ଏସ୍. ଦାସ ପରିଚାଳନା କରୁଥିଲେ।

# ମାନବ ଜୀବନରେ ଯୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ

### ମୋହନ ସୁବୁଦ୍ଧି ମହାବିଦ୍ୟାଳୟରେ ଯୋଗ ଶିବିର

**ବଡ଼ମ୍ବା,୨୯।୧୧(ମାୟାଧର ମଲ୍ଲିକ)**



ମହାବିଦ୍ୟାଳୟରେ ଅନୁଷ୍ଠିତ ଯୋଗ ଶିବିରରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

ରାଜ୍ୟ ସରକାରଙ୍କ ଯୁବ ବିକାଶ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ସ୍ଥାନୀୟ ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ପରିସରରେ ବୁଧବାର ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଶୁଚିସ୍ମିତା ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏଥିରେ ଜାତୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିଥିବା ଯୋଗ ପ୍ରଶିକ୍ଷକ ଆଚାର୍ଯ୍ୟ ଆଶୁତୋଷ ବଡ଼ମାଳୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ମାନବ ଜୀବନରେ ଯୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ଯୋଗ, ଆସନ ଓ ପ୍ରାଣାୟାମ ଶିଖାଇଥିଲେ। ଅନ୍ୟତମ ଅତିଥି ଭାବେ ବଡ଼ମ୍ବା ପଞ୍ଚାୟତ ସମିତି ଉପାଧ୍ୟକ୍ଷା ସ୍ୱର୍ଣ୍ଣଲତା ବେହେରା ଯୋଗଦେଇ ଯୋଗର ମହତ୍ତ୍ୱ ପ୍ରତିପାଦନ କରିଥିଲେ। ଶିବିରରେ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ତଥା ସାମାଜିକ ସଚେତନତା କାର୍ଯ୍ୟକ୍ରମ ନୋଡାଲ ଅଧିକାରୀ ଅଧ୍ୟାପିକା ସରିତା ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ସେହିପରି ଶିବିରରେ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ମୁଖ୍ୟ ପ୍ରାଧ୍ୟାପକ ବିଶ୍ୱନାଥ ପଟ୍ଟନାୟକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଡ. ପ୍ରିୟମ୍ବଦା ଦାଶ, ପ୍ରଜ୍ଞା ପାରମିତା ମହାନ୍ତି, ଅଧ୍ୟାପକ ଡ. ଅରବିନ୍ଦ ନାୟକ, ଇଂରାଜି ବିଭାଗ ମୁଖ୍ୟ ମାନଗୋବିନ୍ଦ ପାତ୍ର, କ୍ୟାପଟେନ ସୁଧୀର ମହାରଣା, ଓଡ଼ିଆ ଅଧ୍ୟାପକ ଲକ୍ଷ୍ମୀଧର ପଣ୍ଡା,ଇତିହାସ ଅଧ୍ୟାପକ ସୌମ୍ୟ ରଞ୍ଜନ ପରିଡା ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟମାନ ପ୍ରଦାନ କରିଥିଲେ। ଶିବିରରେ ୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ। ଅନ୍ୟପକ୍ଷରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କୁ ନେଇ ବ୍ୟକ୍ତିତ୍ୱ ବିକାଶର ବିଭିନ୍ନ ଦିଗ ସମ୍ପର୍କରେ ଅଧ୍ୟକ୍ଷା ଡ. ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ କରିଥିଲେ। ପରେ ମହାବିଦ୍ୟାଳୟସ୍ଥିତ ବିଜ୍ଞାନାଗାରକୁ ଛାତ୍ରୀମାନେ ପରିଦର୍ଶନ କରିଥିଲେ। ଏଥିସହ ଜୀବ ବିଜ୍ଞାନ ଅଧ୍ୟାପିକା ପ୍ରଜ୍ଞା ପାରମିତା ମହାନ୍ତି ଛାତ୍ରୀମାନଙ୍କୁ ଜୀବବିଜ୍ଞାନ ସମ୍ପର୍କରେ କହିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଇଂରାଜି ଅଧ୍ୟାପକ ରାକେଶ ମହାରଣା ଧନ୍ୟବାଦ ଦେଇଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍କୁଲ ପରିସର, ନୀଳାଦ୍ରି ବିହାର, ସକାଳ ୭ଟା ୩୦।
- 'ଦିଲୀପ ତିର୍କୀ: ବିୟଣ୍ଡ ଦି ସ୍ପୋର୍ଟ' ଫଟୋ ପ୍ରଦର୍ଶନୀ, କଳିଙ୍ଗ ଆର୍ଟ ଗ୍ୟାଲେରି, ପୂର୍ବାହ୍ନ ୧୧ଟା।
- ଏକାଡେମୀ ପୁରସ୍କାର ଓ ଛାତ୍ରବୃତ୍ତି ପ୍ରଦାନ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୧ଟା ୩୦।
- ୭୨ତମ ସଂସ୍କୃତି ଚର୍ଚ୍ଚା, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସନ୍ଧ୍ୟା ୬ଟା।

# ମନଇଚ୍ଛା ରାସ୍ତା ଖୋଳିଲେ ଏତଲା

ଭୁବନେଶ୍ୱର, ୨୯।୧୧ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଏବେଠାରୁ ଆଉ କେହି ମନଇଚ୍ଛା ରାସ୍ତା ଖୋଳିପାରିବେ ନାହିଁ। ଏଥିପାଇଁ ବିଏମ୍‌ସିର ବିଧିବଦ୍ଧ ଅନୁମତି ଆବଶ୍ୟକ ହେବ। ଯଦି କୌଣସି ସଂସ୍ଥା କିମ୍ବା ବ୍ୟକ୍ତି ବିନା ଅନୁମତିରେ ରାସ୍ତା ଖୋଳନ୍ତି ତେବେ ତାଙ୍କ ବିରୋଧରେ ଏତଲା ଦାୟର କରାଯିବ। ଏନେଇ ବୁଧବାର ବିଏମ୍‌ସି ମୁଖ୍ୟାଳୟରେ ହୋଇଥିବା ଆନ୍ତଃ ବିଭାଗୀୟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବିଏମ୍‌ସି ଅଭିଯୋଗ ପ୍ରକୋଷ୍ଠକୁ ଏ ସଂକ୍ରାନ୍ତୀୟ ଅନେକ ଅଭିଯୋଗ ଆସିବା ପରେ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱର ସହ ନେଇ ଏପରି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କୌଣସି ସଂସ୍ଥା ଓ ବ୍ୟକ୍ତିବିଶେଷ ରାସ୍ତାରେ କେବୁଲ ବିଛାଇବା, ଖୁଣ୍ଟି ପୋତିବା, ଗ୍ୟାସ୍ ପାଇପ ଲାଇନ୍, ସ୍ୱେରେଜ କିମ୍ବା ନିର୍ମାଣ କାମ ପାଇଁ ରାସ୍ତା ଖୋଳି ପାରିବେ ନାହିଁ। ଏହା କରିବା ପୂର୍ବରୁ ନିଶ୍ଚିତ ଭାବେ ବିଏମ୍‌ସିରୁ ଅନୁମତି ନେବାକୁ ପଡିବ ବୋଲି କମିଶନର ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅନୁମତି ଦେବା ପୂର୍ବରୁ ବିଏମ୍‌ସିର ଏକ ଟିମ୍ ସମ୍ପୃକ୍ତ ଘଟଣାସ୍ଥଳ ପରିଦର୍ଶନ କରି ରିପୋର୍ଟ ଦେବ। ତାହା ଯଥାର୍ଥ ହୋଇଥିଲେ, ଅନୁମତି ପ୍ରଦାନ କରାଯିବ। ଏଥିରେ ଖିଲାପ ହେଲେ, ସମ୍ପୃକ୍ତ ସଂସ୍ଥା ବା ବ୍ୟକ୍ତିଙ୍କ ବିରୋଧରେ ଏତଲା ଦାୟର କରାଯିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଅଭିଯୋଗ ସହିତ ବିଏମ୍‌ସି କର୍ପୋରେଶନ ବୈଠକରେ ମଧ କର୍ପୋରେଟରମାନେ ଏହି ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ମନଇଚ୍ଛା ରାସ୍ତା ଖୋଳିବା ଦ୍ୱାରା ଜନସାଧାରଣ ହଇରାଣ ହେବା ସହ ଛୋଟବଡ଼ ଦୁର୍ଘଟଣା ଘଟୁଛି। ସେହିପରି ସହରର ସୌନ୍ଦର୍ଯ୍ୟକରଣ ମଧ୍ୟ ନଷ୍ଟ ହେଉଛି। ତେଣୁ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଯେ କୌଣସି ବିଭାଗ, କର୍ପୋରେଶନ, ଅନୁଷ୍ଠାନ ପ୍ରଚଳିତ ନିୟମକୁ ଅନୁସରଣ କରିବାକୁ ପଡିବ ବୋଲି କମିଶନର ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାସ୍ତାରେ ନିର୍ମାଣ ଓ ଭଗ୍ନାବଶେଷ ବାଲି, ମାଟି, ଗୋଡି ଆଦି ଗଦା କରିପାରିବେ ନାହିଁ କି କେବୁଲ ଝୁଲାଇ ପାରିବେ ନାହିଁ ବୋଲି ତାଗିଦ୍ କରାଯାଇଛି। କମିଶନରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ, ଡେପୁଟି କମିଶନର ରେଭିନ୍ୟୁ ପ୍ରିୟବ୍ରତ ପାଢୀ, ୱାଟ୍‌କୋ, ଇଡ୍‌କୋ ଓ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ, ବିଏସ୍‌ଏନ୍‌ଏଲ୍, ଓପିଟିସିଏଲ୍, ଗେଲ୍ ଇଣ୍ଡିଆ ଲିମିଟେଡ, ପାୱାର ଗ୍ରୀଡ, ଜିଓ ରିଲାଏନ୍ସ ଆଦି କମ୍ପାନୀର ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।

### ନିର୍ମାଣ ବର୍ଜ୍ୟ ଗଦାଇବା, କେବୁଲ ଝୁଲାଇବା ମନା



ବୈଠକରେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ।

# ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ଆଲୋକ



@ ଜିତୁ



@ ପିଙ୍କି



@ ସୁକାନ୍ତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଲେଣ୍ଡୋରେ ଆମ ପୋଲିସ କାର୍ଯ୍ୟକ୍ରମ

**ନିରାକାରପୁର,୨୯।୧୧(ମାନସ ଚନ୍ଦ୍ର ପଟ୍ଟନାୟକ):** ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ନିରାକାରପୁର ପୋଲିସ ପକ୍ଷରୁ ଥାନା ଅଧିକାରିଣୀ ସୁଚିତ୍ରା ଜେନାଙ୍କ ଅଧ୍ୟକ୍ଷତାରେ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଲେଣ୍ଡୋ ସରପଞ୍ଚ ବିନୋଦିନୀ ଦାଶଙ୍କ ସମେତ ସ୍ଥାନୀୟବାସୀ ଉପସ୍ଥିତ ରହି ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ କିପରି ସୁସମ୍ପର୍କ ସ୍ଥାପନ ହୋଇପାରିବ, ଥାନା ଅଧୀନ ଅଞ୍ଚଳରୁ କିପରି ଅପରାଧ କମିବ ସେନେଇ ପୋଲିସ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପୋଲିସ ପକ୍ଷରୁ ଆଇନ ଅନୁଯାୟୀ ସମସ୍ତ ସାହାଯ୍ୟ ସହଯୋଗ କରାଯିବ ବୋଲି ଉପସ୍ଥିତ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ମହିଳା ଗ୍ରୁପ, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏସ୍‌ଆଇ ଶରତ ବେହେରା ପରିଚାଳନା କରିଥିବାବେଳେ ବରିଷ୍ଠ ନାଗରିକ ପ୍ରସନ୍ନ ନନ୍ଦ ଧନ୍ୟବାଦ ଦେଇଥିଲେ। ଏଏସ୍‌ଆଇ ତପନ ପ୍ରଧାନ, ହାବିଲଦାର ରତ୍ନାକର ବେହେରା, କନଷ୍ଟେବଲ ରଶ୍ମିତା ମହାରଣା ପ୍ରମୁଖ ଥାନା କର୍ମଚାରୀ ଉପସ୍ଥିତ ଥିଲେ।

## ସାଇ-ଟେଡ୍: ୬୦ ସ୍କୁଲରୁ ୧୨୦ ପ୍ରୋଜେକ୍ଟ ସାମିଲ



ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ବାର୍ଷିକ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମେଳା 'ସାଇ-ଟେଡ୍'କୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର, ୨୯।୧୧(ଅସମାପିକା ସାହୁ)

ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ରେ ବାର୍ଷିକ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମେଳା 'ସାଇ-ଟେଡ୍'ର ସପ୍ତମ ସଂସ୍କରଣ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ୬୦ଟି ସ୍କୁଲ ସହିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଏହି ମେଳାରେ ଅଂଶଗ୍ରହଣ କରିଥିଲେ। ଏଥିରେ ପ୍ରାୟ ୧୨୦ଟି ପ୍ରୋଜେକ୍ଟକୁ ସାମିଲ କରାଯାଇଥିଲା। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଉପରେ ରୁଚି ରଖୁଥିବା ଛାତ୍ରୀଛାତ୍ରଙ୍କୁ ଏହା ଭବିଷ୍ୟତର ନୂତନ ଉଦ୍ଭାବକ, ଗବେଷକ, କନ୍‌ସଲ୍‌ଟାଣ୍ଟ ଏବଂ ଡିଜାଇନର୍ ହେବାକୁ ପ୍ରେରଣା ଯୋଗାଇବ ବୋଲି ଆଶା କରାଯାଉଛି। ଡିଆର୍‌ଡିଓର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ରୋବୋଟିକ୍ସ ବିଭାଗର ପୂର୍ବତନ ଡାଇରେକ୍ଟର ଜେନେରାଲ ଆଡିଥେୟନ୍ ଗୋପାଳସ୍ୱାମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସାଇଟେଡ୍‌ରେ ଛାତ୍ରୀଛାତ୍ରମାନେ ନିଜର ଜ୍ଞାନ କୌଶଳ ପରିପ୍ରକାଶ କରିବାର ଏହା ଏକ ପ୍ରକୃଷ୍ଟ କ୍ଷେତ୍ର ବୋଲି ସେ ପ୍ରକାଶ କରିଥିଲେ। ସାଇ ଇଣ୍ଟରନ୍ୟାଶନାଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ କହିଲେ, ସାଇ-ଟେଡ୍ ଛାତ୍ରୀଛାତ୍ରଙ୍କୁ ପୃଥିବୀର ନୂତନ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ସହିତ ଯୋଡ଼ିବାର ଏକ ଉତ୍କୃଷ୍ଟ ମଞ୍ଚ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ମନରେ ଉଦ୍ୟୋଗୀ ହେବା ପାଇଁ ଚାରାରୋପଣ କରିବା ସହିତ ସେମାନଙ୍କ ଭବିଷ୍ୟତ ନିର୍ଦ୍ଧାରଣରେ ଏହା ସହାୟକ ହେବ ବୋଲି ଡ. ସାହୁ ପ୍ରକାଶ କରିଥିଲେ। ଏହି ମେଳାରେ ବିଭିନ୍ନ ୱାର୍କସପ୍ ଯଥା ଟେଡ୍ ଟକ୍, ଟେକ୍ ଫେୟାର୍, ଷ୍ଟାର୍ଟ ଅପ୍ ପାର୍କ, ଅର୍ବାନ ମୋବିଲିଟି, ଦିନୋଥିମ୍ ପାର୍କ, ଇଫ୍ ଆଇ ଓ୍ୟାର, ଜାମ୍, ସାଇନ୍ସ ଅଫ୍ କମେଡି, ମ୍ୟାଥ୍ ମେଜ୍, ଟ୍ରେସ୍ ଟୁ ଟ୍ରେଜର, ମୁଭି ସ୍କ୍ରିନିଙ୍ଗ୍, ଇ-ଗେମ୍ସ, ଫନ୍ ଆଣ୍ଡ ଫୁଡ୍ ଜୋନ, ଫଟୋଗ୍ରାଫି ଆଦି ଆୟୋଜିତ ହୋଇଥିଲା। ସେହିପରି ଟେଡ୍ କ୍ୟୁ(ବିଜ୍ଞାନ କୁଇଜ୍)ଇତ୍ୟାଦି ପ୍ରତିଯୋଗିତା କରାଯାଇଥିଲା। କେନ୍‌କୋ, ସ୍ମାର୍କ, ଡିବିଟି ଆଇଏଲ୍‌ଏସ୍, ୟଙ୍ଗ ଥିଙ୍କର୍, ଏଷ୍ଟିପିଆଇ, ଅର୍ବାନ ମୋବିଲିଟି, ଆଇଏମଏମଟି, ସିବାଗ୍ରିନ୍, ପ୍ଲାଣ୍ଟି, ଆଇଜି ଡୋନ୍ସ, ସ୍ୟାକ୍ ରୋବୋଟିକ୍ସ, ବନ୍ ଭି ଟେକ୍ନୋଲୋଜି ପରି ବିଭିନ୍ନ କମ୍ପାନୀ ଓ ଶିକ୍ଷାନୁଷ୍ଠାନ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ କଣ୍ଠଶିଳ୍ପୀ ଶଶାଙ୍କ ଶେଖର ଓ ଗିନି ଛାତ୍ରୀଛାତ୍ରଙ୍କୁ ମନୋରଞ୍ଜନ କରାଇଥିଲେ। ସ୍କୁଲର ସିନିୟର ପ୍ରିନ୍ସପାଲ୍ ନୀଳକଣ୍ଠ ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ଆମ ବ୍ୟାଙ୍କ ସେବା

**କୃଷ୍ଣପ୍ରସାଦ,୨୯।୧୧(କୈଳାଶ ଚନ୍ଦ୍ର ପଟ୍ଟନାୟକ):** ରାଜ୍ୟ ଅର୍ଥ ଓ ପଞ୍ଚାୟତରାଜ ବିଭାଗ ମିଳିତ ଆନୁକୂଲ୍ୟରେ ୫-ଟି ଯୋଜନାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗ୍ରାମାଞ୍ଚଳବାସୀଙ୍କ ପାଇଁ ପଞ୍ଚାୟତସ୍ତରରେ ଆମ ବ୍ୟାଙ୍କ ସେବା ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ କୃଷ୍ଣପ୍ରସାଦ ବ୍ଲକର ଗୋମୁଣ୍ଡିଆ ପଞ୍ଚାୟତରେ ଆଭାସୀ ମାଧ୍ୟମରେ ଆମ ବ୍ୟାଙ୍କ ଯୋଜନାର ଶୁଭାରମ୍ଭ ହୋଇଯାଇଛି। ବ୍ୟାଙ୍କ ବିହୀନ ଗ୍ରାମ ପଞ୍ଚାୟତରେ ସିଏସ୍‌ସି ପ୍ଲସ ଆଉଟଲେଟ୍‌ଗୁଡ଼ିକ ସ୍ଥାୟୀ ବ୍ୟାଙ୍କ ଶାଖା ପରି ସମସ୍ତ ବ୍ୟାଙ୍କ ସେବା ଲୋକଙ୍କୁ ଯୋଗାଇ ଦେଇପାରିବ। ଏହି ପରିପ୍ରେକ୍ଷୀରେ ବରିଷ୍ଠ ନାଗରିକ, ଗର୍ଭବତୀ ମହିଳା ଏବଂ ଭିନ୍ନକ୍ଷମ ଘର ଦୁଆରେ ଏହି ସେବା ସୁବିଧାରେ ପାଇପାରିବେ। କୃଷ୍ଣପ୍ରସାଦ ବିଡିଓ ବିଜୟ ବେହେରା, ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ, କୃଷ୍ଣପ୍ରସାଦ ଗଡ଼ ୟୁନିୟନ ବ୍ୟାଙ୍କ ଶାଖା ପରିଚାଳକ ରାଜୀବ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ସହକାରୀ ଯନ୍ତ୍ରୀ ବିନୋଦ ବିହାରୀ ପୁହାଣ, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ, ଗୋମୁଣ୍ଡିଆ ପଞ୍ଚାୟତ ସରପଞ୍ଚ ଦୁଷ୍ମନ୍ତ ସେଠୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ ବିକାଶ ମାଝୀ, ଓଏଲ୍‌ଏମ୍‌ର ଉମାକାନ୍ତ ମିଶଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଅଲଣ୍ଡାରେ ରାସ ପୂର୍ଣ୍ଣିମା ମହୋତ୍ସବ

**କୃଷ୍ଣପ୍ରସାଦ,୨୯।୧୧(କୈଳାଶ ଚନ୍ଦ୍ର ପଟ୍ଟନାୟକ):** ପୁରୀ ଜିଲା ଅଧୀନ କୃଷ୍ଣପ୍ରସାଦ ବ୍ଲକର ଅଲଣ୍ଡା ଗ୍ରାମରେ ୭୨ତମ ରାସ ପୂର୍ଣ୍ଣିମା ମହୋତ୍ସବ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହେଉଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ଲକ୍ଷ୍ମୀଧର ସାହୁ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ ତରେଇ ପ୍ରମୁଖ ମହୋତ୍ସବରେ ଯୋଗ ଦେଇଥିଲେ। ଏହି ଉତ୍ସବ ୪ଦିନ ଧରି ଚାଲିବାକୁ ଥିବାବେଳେ ମୁଖ୍ୟ ପିଠାଧିଶ ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ଦେବ, ଶ୍ରୀଶ୍ରୀ ଦଧିବାମନ ଦେବ ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା କରି ପୂଜା ମଣ୍ଡପରେ ବିରାଜମାନ କରୁଛନ୍ତି। ପ୍ରତ୍ୟହ ସନ୍ଧ୍ୟାରେ ସମରକଳା ପାଇକ ଆଖଡ଼ା, ସଂକୀର୍ତ୍ତନ ସହିତ ଆତସବାଜି ପ୍ରଦର୍ଶନ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ଅବସରରେ ରାମଲୀଳା ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏଥିରେ ବିଭିନ୍ନ ସ୍ଥାନରୁ ୪ଟି ନାଟକ ପାର୍ଟି ଅଂଶଗ୍ରହଣ କରିଛନ୍ତି। ବିଚାରକ ଭାବେ ବରିଷ୍ଠ ଶିକ୍ଷାବିତ୍ ଚକ୍ରଧର ମିଶ୍ରୀ, ପର୍ଶୁରାମ ସାହୁ, ହଜାରୀ ପଲେଇ ପ୍ରମୁଖ ଯୋଗ ଦେଇଛନ୍ତି। ଅଲଣ୍ଡା ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ମହୋତ୍ସବକୁ ଗ୍ରାମ୍ୟ କମିଟି ସଭାପତି ପ୍ରଦ୍ୟୁମ୍ନ ଦାଶ, ସମ୍ପାଦକ ବନମାଳୀ ପଲେଇ ପରିଚାଳନା କରୁଛନ୍ତି।

## ପୋଖରୀ ସୁରକ୍ଷା ପାଇଁ ତହସିଲଦାରଙ୍କ ପାଖରେ ଅଭିଯୋଗ

ବାରଙ୍ଗ,୨୯।୧୧(ଲିଙ୍ଗରାଜ ରାଉତ)

ବାରଙ୍ଗ ବ୍ଲକ ଅଧୀନ ତ୍ରିଶୂଳିଆ ଗ୍ରାମ ନିକଟସ୍ଥ ମୁଖ୍ୟ ରାସ୍ତାକଡ଼ରେ ଥିବା ଗ୍ରାମ ପୋଖରୀ ପୁନରୁଦ୍ଧାର ପାଇଁ ବୁଧବାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମା' ଶାରଳା ଆଞ୍ଚଳିକ ମଞ୍ଚ ପକ୍ଷରୁ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ଅନୁଯାୟୀ, ରାସ୍ତାକଡ଼ର ଗ୍ରାମ ପୋଖରୀକୁ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ କିଛି ଅଂଶକୁ ପୋତି ଦିଆଯାଇଛି। ପୋଖରୀର ବଳକା ଅଂଶକୁ ଗ୍ରାମବାସୀ ବ୍ୟବହାର କରୁଛନ୍ତି। ଏହି ସୁଯୋଗରେ କିଛି ଅସାଧୁ ବ୍ୟକ୍ତି ପୋଖରୀର ବଳକା ଅଂଶକୁ ମାଡ଼ି ବସିବା ସହ ନିଜ ଅକ୍ତିଆରକୁ ନେବାକୁ ଚେଷ୍ଟା କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ଏହି ପୋଖରୀ ଉପରେ ତ୍ରିଶୂଳିଆ ଗ୍ରାମବାସୀଙ୍କ ସହ ଆଖପାଖ ଅଞ୍ଚଳର ଅନେକ ଲୋକ ନିର୍ଭର କରନ୍ତି। ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟ ସହ ସ୍ନାନ, ବିବାହ, ବ୍ରତଘର, ଶୁଦ୍ଧିକ୍ରିୟା ଆଦି କାର୍ଯ୍ୟ ପାଇଁ ଏହି ପୋଖରୀ ଉପରେ ନିର୍ଭର କରିଥାନ୍ତି। ତେଣୁ ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପୋଖରୀର ସୁରକ୍ଷା ଓ ପୁନରୁଦ୍ଧାର ପାଇଁ ତ୍ରିଶୂଳିଆ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମା' ଶାରଳା ଆଞ୍ଚଳିକ ମଞ୍ଚର ମହିଳା ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

## କାର୍ତ୍ତିକେଶ୍ୱର ମହୋତ୍ସବ ଉଦ୍‌ଯାପିତ

ବାଲିଅନ୍ତା,୨୯।୧୧(ନୀଳମାଧବ ସାହୁ)

ବିଏମ୍‌ସିର ୪ନଂ. ୱାର୍ଡ ଅଧୀନ ରୁଦ୍ରପୁର-ସୁନ୍ଦରାପାଟଣା ଗ୍ରାମରେ ୬ଦିନିଆ ୪୨ତମ ବାର୍ଷିକ କାର୍ତ୍ତିକେଶ୍ୱର ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। କାର୍ତ୍ତିକେଶ୍ୱର ପୂଜା ମଣ୍ଡପରେ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଭାରେ ଅତିଥି ରୂପେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ମେୟର ସୁଲୋଚନା ଦାସ, କର୍ପୋରେଟର ସୁକୁମାର ସାହୁ, ଭାଜପା ରାଜ୍ୟ ଉପସଭାପତି ଗୋଲକ ପ୍ରସାଦ ମହାପାତ୍ର, ବିଜେଡି ଯୁବନେତା ଅକ୍ଷୟ ଲେଙ୍କା ପ୍ରମୁଖଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଭାପତି ଅଶୋକ ବେହେରା, ସମ୍ପାଦକ ପ୍ରଦୀପ୍ତ ବେହେରା, ବରିଷ୍ଠ ସଦସ୍ୟ ସନାତନ ବେହେରା, ପଞ୍ଚାନନ ସ୍ୱାଇଁ, ସୁରେନ୍ଦ୍ର ବେହେରା, ପ୍ରଶାନ୍ତ ବେହେରା, ରବୀନ୍ଦ୍ର ବେହେରା, ପଦ୍ମଲୋଚନ ବେହେରା, ଦିଗମ୍ବର ବେହେରା ଓ ନିମାଇଁ ଚରଣ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ଗ୍ରାମ୍ୟ ନ୍ୟାୟାଳୟ ପକ୍ଷରୁ କ୍ୟାମ୍ପ କୋର୍ଟ

**କୃଷ୍ଣପ୍ରସାଦ,୨୯।୧୧(କୈଳାଶ ଚନ୍ଦ୍ର ପଟ୍ଟନାୟକ):** ପୁରୀ ଜିଲା ଅଧୀନ କୃଷ୍ଣପ୍ରସାଦ ବ୍ଲକର ପିରିଜିପୁର ପଞ୍ଚାୟତ ପରିସରରେ ବ୍ରହ୍ମଗିରି ଗ୍ରାମ୍ୟ ନ୍ୟାୟାଳୟ ପକ୍ଷରୁ ଏକ କ୍ୟାମ୍ପ କୋର୍ଟ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମଗିରି ଗ୍ରାମ୍ୟ ନ୍ୟାୟାଳୟର ବିଚାରପତି ରଶ୍ମି ନାରାୟଣୀ ମିଶ୍ର ଅଧ୍ୟକ୍ଷତା କରିଥିଲେ। କ୍ୟାମ୍ପ କୋର୍ଟରେ ମୋଟ ୨୦ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯିବା ସହିତ ୪ଟି ମାମଲାର ଫଇସଲା ହୋଇଥିଲା। ଏଥିରେ ସରକାରୀ ଓକିଲ ତଥା ବ୍ରହ୍ମଗିରି ସଂଘ ସମ୍ପାଦକ ଭାସ୍କର ଜେନା, ଓକିଲ ହରେକୃଷ୍ଣ ମଲିକ, ସନ୍ଦୀପ ବରାଳ ପ୍ରମୁଖ ଯୋଗ ଦେଇଥିବାବେଳେ କୋର୍ଟର ପେସ୍କାର ରବୀନ୍ଦ୍ର ନାଥ ସାହୁ, ସହଦେବ ନାୟକ ପ୍ରମୁଖ କୋର୍ଟ ପରିଚାଳନାରେ ସହାୟତା କରିଥିଲେ। କାର୍ଯ୍ୟକ୍ରମରେ ପିରିଜିପୁର ସରପଞ୍ଚ ମଳୟ ଜେନା, ମୋହରିର ଜୟ ପ୍ରକାଶ ସାମନ୍ତରାୟ, ବରିଷ୍ଠ ଆଇନଜୀବୀ ରମାଶଙ୍କର ପାତ୍ର ସମେତ ଆରକ୍ଷୀ ବାହିନୀ ଉପସ୍ଥିତ ଥିଲେ।

## ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକରେ ୧୨୪ ପ୍ରକଳ୍ପ ପ୍ରଦର୍ଶିତ

ବୋଲଗଡ଼,୨୯।୧୧(ଦେବବ୍ରତ ହୋତା)

ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସାନପଦରସ୍ଥିତ ଭକ୍ତ ଚରଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଦର୍ଶନୀରେ ବୋଲଗଡ଼ ଶିକ୍ଷା ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ୧୨୪ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ୨ଟି ଅଧିବେଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୋଲଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ଗୋକୁଳଚନ୍ଦ୍ର ବଳବନ୍ତରାୟଙ୍କ ପୌରୋହିତ୍ୟ ଓ ଶିକ୍ଷକ ଶ୍ରୀକାନ୍ତ ନାୟକଙ୍କ ସଂଯୋଜନାରେ ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ବୋଲଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ମଲ୍ଲିକ, ମୁଖ୍ୟବକ୍ତା ଭାବେ ବୋଲଗଡ଼ ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ଡ. ନିରଞ୍ଜନ ମହାନ୍ତି ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ସାହୁ ମୁଖ୍ୟ ଅତିଥି ଏବଂ ମୁଖ୍ୟବକ୍ତା ଭାବେ ବୋଲଗଡ଼ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ.ରତିକାନ୍ତ ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଜିଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରୟଗୁରୁ, ବିଜ୍ଞାନ ମେଳା କମିଟି ସମ୍ପାଦକ ହରିବନ୍ଧୁ ତ୍ରିପାଠୀ, ସାଙ୍ଗଠନିକ ସମ୍ପାଦକ ପ୍ରଫୁଲ୍ଲ ସିଂ, ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ପଦ୍ମଚରଣ ବେହେରା, ବୋଲଗଡ଼ ଶିକ୍ଷକ ପରିବାର ସଭାପତି ପ୍ରମୋଦ ସ୍ୱାଇଁ, ସମ୍ପାଦକ ଶୈଳେନ ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା ପରିଷଦ ଅଧ୍ୟକ୍ଷା ପ୍ରଶାନ୍ତି ମହାପାତ୍ର, ମୋ ସ୍କୁଲ କମିଟି ସଭାପତି ରାମଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ପ୍ରଫୁଲ୍ଲ ସିଂ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଜୟ ସାହୁ ଧନ୍ୟବାଦ ଦେଇଥିଲେ। ଜିଲାସ୍ତରକୁ ପିଚୁକୁଳି ଆଦର୍ଶ ବିଦ୍ୟାଳୟର ଶୁଭ୍ରାଂଶୁ ସତ୍ୟବ୍ରତ, ଅର୍ପିତା ପଟ୍ଟନାୟକ, ସ୍ୱରୂପ ନାୟକ, ବୋଲଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରତୀକ ପୃଷ୍ଟି ଏବଂ ସାଗରଗୁଆଁ ନୋଡାଲ ଉଚ୍ଚ ବିଦ୍ୟାଳୟର ସୌମ୍ୟରଞ୍ଜନ ସାହୁଙ୍କ ପ୍ରକଳ୍ପ ମନୋନୀତ ହୋଇଥିଲା।

## 'ବିଜ୍ଞାନ ସର୍ବଦା ସତ୍ୟର ଅନୁସନ୍ଧାନ କରେ'

ନିରାକାରପୁର/ଟାଙ୍ଗୀ (ଖୋର୍ଦ୍ଧା), ୨୯।୧୧
(ମାନସ ଚନ୍ଦ୍ର ପଟ୍ଟନାୟକ/ରଘୁନାଥ ସାହୁ)



### ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ୧୪୧ ପ୍ରକଳ୍ପ

ଟାଙ୍ଗୀ ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ବୁଧବାର ନିରାକାରପୁର କ୍ଷେତ୍ରବାସୀ ଡିଏଭି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି। ଏଥିରେ ବିଭିନ୍ନ ବର୍ଗର ୧୪୧ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଉଦଘାଟନ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବିନ୍ଦ୍ର କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ସଞ୍ଜୟ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷା ବ୍ରତତୀ ମିଶ୍ର, ଜିଲାପରିଷଦ ସଭ୍ୟ ବିଜୟ କୁମାର ପାଲଟା ସିଂହ, ଖୋର୍ଦ୍ଧା ଜିଲା ସମ୍ପାଦକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ବ୍ଲକ ସଭାପତି ସଲିଳ କୁମାର ସ୍ୱାଇଁ, ସମ୍ପାଦକ ସନ୍ତୋଷ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଜ୍ଞାନ ମଣିଷ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ବିଜ୍ଞାନ ସର୍ବଦା ସତ୍ୟର ଅନୁସନ୍ଧାନ କରିଥାଏ। ଶିଶୁ ବୈଜ୍ଞାନିକମାନଙ୍କ ବିଭିନ୍ନ ପ୍ରକଳ୍ପ ଭବିଷ୍ୟତରେ ଦେଶ ପ୍ରଗତିରେ ସହାୟକ ହେବ ବୋଲି ଅତିଥିମାନେ କହିଥିଲେ। ବିଚାରକ ଭାବେ ବିଜ୍ଞାନ ଅଧ୍ୟାପକ ଓ ଶିକ୍ଷକମାନେ ଯୋଗଦେଇ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ମୂଲ୍ୟାଙ୍କନ କରିଥିଲେ। ଉଦ୍‌ଯାପନ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବିନ୍ଦ୍ର କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ମୁଖ୍ୟ ବକ୍ତା ବରିଷ୍ଠ ବୈଜ୍ଞାନିକ ଡ. ଦେବୀ ପ୍ରସାଦ ଦାଶ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ସାବିତ୍ରୀ ସାହୁ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟ ବିଜ୍ଞାନରେ ଦୁର୍ଗା ଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍ୱୟଂସାଇ ପଣ୍ଡା, ଜୀବବିଜ୍ଞାନରେ ଆଡିଆପଡ଼ା ଆଦର୍ଶ ବିଦ୍ୟାଳୟର ସ୍ପନ୍ଦନ ରାଉତରାୟ, କୃଷିଭିତ୍ତିକ ପ୍ରକଳ୍ପରେ ଓଳସିଂ ରଘୁନାଥ ଆଦର୍ଶ ଉଚ୍ଚ ବିଦ୍ୟାଳୟର ଦୀପ୍ତିମୟୀ ସାମନ୍ତରାୟ, ଗମନାଗମନରେ ନିରାକାରପୁର କେବିଡିଏଭି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଷ୍ଣୁ ଦର୍ଶନୀ, ପ୍ରଯୁକ୍ତିବିଦ୍ୟରେ କୁହୁଡ଼ି ଜନତା ଉଚ୍ଚ ବିଦ୍ୟାଳୟର ସ୍ନେହ ହର୍ଷଦ ପ୍ରଥମ ସ୍ଥାନ ହାସଲ କରିଥିଲେ। ପ୍ରଥମ ସ୍ଥାନ ହାସଲ କରିଥିବା ସମସ୍ତ କୃତୀ ପ୍ରତିଯୋଗୀ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ।

# ସଜେଇ ହେଉଛି ମୁକ୍ତାକାଶ ରଙ୍ଗମଞ୍ଚ

**୧ରୁ କୋଣାର୍କ ଉତ୍ସବ, ବାଲୁକା କଳା ମହୋତ୍ସବ**

■ ଯୋଗଦେବେ ବହୁ ଅନ୍ତର୍ଜାତୀୟ କଳାକାର

■ ଉଜ୍ଜ୍ୱଳ ଆଲୋକରେ ଝଲସୁଛି ଅର୍କକ୍ଷେତ୍ର

କୋଣାର୍କ, ୨୯।୧୧ (ଜ୍ୟୋତିରାଜ ମହାନ୍ତି)



ବିଶ୍ୱ ଐତିହ୍ୟ ପର୍ଯ୍ୟଟନସ୍ଥଳୀ କୋଣାର୍କ ସୂର୍ଯ୍ୟମନ୍ଦିର ପାଦଦେଶରେ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ଡିସେମ୍ବର ୧ରୁ ୫ତାରିଖ ପର୍ଯ୍ୟନ୍ତ ୩୪ତମ କୋଣାର୍କ ଉତ୍ସବ ଏବଂ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ବେଳାଭୂମିରେ ବିଶିଷ୍ଟ ବାଲୁକା ଶିଳ୍ପୀମାନଙ୍କୁ ନେଇ ୧୩ତମ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ ଆୟୋଜନ ହେବ। ଏଥିପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତି ପର୍ବ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। କୋଣାର୍କ ଉତ୍ସବ ପାଇଁ ମୁକ୍ତାକାଶ ରଙ୍ଗମଞ୍ଚ ଗ୍ରୀନ ରୁମ୍, ରଙ୍ଗମଞ୍ଚ ସ୍ଥଳ, ଦର୍ଶକ ଗ୍ୟାଲେରୀ, ମୁଖ୍ୟ ଫାଟକ, କୋଣାର୍କ ଯାତ୍ରୀନିବାସ ପରିସରରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସରିଥିବା ବେଳେ ବ୍ୟାପକ ଆଲୋକ ସଜ୍ଜା କୋଣାର୍କ ଉତ୍ସବର ଶ୍ରୀବର୍ଦ୍ଧନ କରିବ। ଚଳିତ ବର୍ଷ ଓଡ଼ିଶୀ, ଭାରତନାଟ୍ୟମ, ମୋହିନୀ ଆଟ୍ଟମ, କଥକ ସମେତ ଉଚ୍ଚମାନର ନୃତ୍ୟ ପରିବେଷଣ କରାଯିବ। ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଚନ୍ଦ୍ରଭାଗା ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ ଆୟୋଜନ ଅବସରରେ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ଆନୁକୂଲ୍ୟରେ ପ୍ରଥମ ଥର ପାଇଁ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ସାମଗ୍ରୀ ମେଳା ଆୟୋଜନ ହୋଇଛି। କୋଣାର୍କ ଏନ୍ଏସି ପକ୍ଷରୁ ହେଲିପ୍ୟାଡ଼ ପଡିଆରେ ୪ଟି ଅପେରା ପାର୍ଟି ସାମାଜିକ ଓ ଚେତନାଧର୍ମୀ ନାଟକ ପରିବେଷଣ କରିବେ। ସେହିପରି ମିନାବଜାର ମୁଖ୍ୟ ଆକର୍ଷଣ ପାଲଟିବ। ପର୍ଯ୍ୟଟକଙ୍କ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଟୁର ପ୍ୟାକେଜ ବ୍ୟବସ୍ଥା ସହ କୋଣାର୍କ-ବେଳାଭୂମି ମାର୍ଗରେ ଇକୋ ରିଟ୍ରିଟ ମହୋତ୍ସବ ଆୟୋଜନ ହେଉଛି। ଏହାଦ୍ୱାରା ରାଜ୍ୟ ପର୍ଯ୍ୟଟନ ବିଭାଗର ଅର୍ଥନୈତିକ ଅଭିବୃଦ୍ଧି ସହ ଓଡ଼ିଶା ପର୍ଯ୍ୟଟନ ଶିଳ୍ପ ଭାରତ ତଥା ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ଦିଗରେ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିବ ବୋଲି ପର୍ଯ୍ୟଟନ ଓ ସଂସ୍କୃତିପ୍ରେମୀ ମହଲରେ ଆଲୋଚନା ହେଉଛି। ଚଳିତ ବର୍ଷ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। କୋଣାର୍କ ଉତ୍ସବ ଅବସରରେ ସୂର୍ଯ୍ୟମନ୍ଦିର ପରିସରରେ ପର୍ଯ୍ୟଟକଙ୍କ ନିମନ୍ତେ ହେଉଥିବା ଲାଇଟ୍ ଆଣ୍ଡ୍ ସାଉଣ୍ଡ ସୋ' ବନ୍ଦ ରହିବ ବୋଲି ଜଣାପଡ଼ିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୯।୧୧।୨୦୨୩

| ୩,୧୪,୬୪୨ ଟଙ୍କା | |
|---|---|
| ସୁନା | ୦୦.୫୦୦ ଗ୍ରାମ୍ |
| ରୁପା | ୬୭.୩୦୦ ଗ୍ରାମ୍ |

## ମହାପ୍ରଭୁଙ୍କର ହେଲା ବନକଲାଗି

ପୁରୀ, ୨୯।୧୧ (ଅଜିତ୍ ମହାନ୍ତି)

ମାର୍ଗଶିର ମାସ କୃଷ୍ଣପକ୍ଷ ଦ୍ୱିତୀୟା ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ଏହି ନୀତି ଅନୁଷ୍ଠିତ ହୋଇଥିଲା। ଦତ୍ତ ମହାପାତ୍ର ସେବକମାନେ ସନ୍ଧ୍ୟା ୬ଟା ୨୫ରେ ଶ୍ରୀମନ୍ଦିରରେ ପ୍ରବେଶ କରି ରତ୍ନସିଂହାସନ ଉପରକୁ ଉଠି ଠାକୁରମାନଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ସେମାନେ ରାତ୍ର ୯ଟାରେ ନୀତି ସାରି ଶ୍ରୀମନ୍ଦିରରୁ ବାହାରିଥିଲେ। ବନକଲାଗିରେ ମୁଖ୍ୟତଃ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ। ଏହି ଗୁପ୍ତନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଦତ୍ତ ମହାପାତ୍ର ସେବକମାନେ ବନକଲାଗି ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହମାନଙ୍କର ମହାସ୍ନାନ ନୀତି କରାଯାଇଥିଲା। ଏହାପରେ ଅନ୍ୟାନ୍ୟ ନୀତି ବଢ଼ିବା ସହ ସର୍ବସାଧାରଣ ଦର୍ଶନ ପୁନର୍ବାର ଆରମ୍ଭ ହୋଇଥିଲା।

## ମଠକାଙ୍କୁଡ଼ାରେ ଭାଗବତ କଥାମୃତ ମହୋତ୍ସବ

ପୁରୀ ୨୯।୧୧ (ଅଜିତ୍ ମହାନ୍ତି)

ଭାଗବତ ପ୍ରଣେତା ଅତିବଡ଼ି ଜଗନ୍ନାଥ ଦାସଙ୍କ ପାଦୁକା ପୀଠ ମଠକାଙ୍କୁଡ଼ାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ମଠକାଙ୍କୁଡା ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଭାଗବତ କଥାମୃତ ମହୋତ୍ସବ ଓ କର୍ମଶାଳା ଶ୍ରୀରାଧାଗୋବିନ୍ଦ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବାଳକୃଷ୍ଣ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମହୋତ୍ସବର ବିଭିନ୍ନ ଦିନରେ ଶିକ୍ଷାବିତ୍ କୈଳାଶ ଚନ୍ଦ୍ର ଟିକାୟତରାୟ, ଏକାଡେମୀର ପ୍ରାକ୍ତନ ସଦସ୍ୟ ପ୍ରତିଭା ମହାରଥୀ, ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ଗୀତିକାର ବଦ୍ରି ମିଶ୍ର, ପ୍ରିୟପତ୍ର ସମ୍ପାଦକ ଅଧିବକ୍ତା ବିପିନ୍ ବିହାରୀ ଦଳାଇ, କବି ପୌର୍ଣ୍ଣମାସୀ ଦେବୀ, କବି ପ୍ରବାସିନୀ ମିଶ୍ର, ପଣ୍ଡିତ ନିରଞ୍ଜନ ମିଶ୍ର, ବକ୍ତା ସୁଶାନ୍ତ ନାୟକଙ୍କ ସମେତ ଅନେକ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଚଳିତ ବର୍ଷ ପ୍ରତିଦିନ ଭାଗବତ ଉପରେ ନୃତ୍ୟ ନାଟିକା, ସମୂହ ଭାଗବତ ପାଠ, ଭାଗବତ ପଠନ ପ୍ରତିଯୋଗିତା ଓ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ମହୋତ୍ସବର ପ୍ରମୁଖ ମୁଖିଆ ପ୍ରଭାକର ସାହୁଙ୍କ ପରିଚାଳନାରେ ଆୟୋଜିତ କର୍ମଶାଳାକୁ ଗବେଷକ ପ୍ରଶାନ୍ତ ତ୍ରିପାଠୀ ସଂଯୋଜନା କରିଥିଲେ। ଏଥିରେ କବି ତଥା ଚିତ୍ରଶିଳ୍ପୀ ଚନ୍ଦ୍ରଶେଖର ମହାରଣା ଓ କବି କ୍ରିଷ୍ଣା ମହାପାତ୍ରଙ୍କ ସମେତ କେତେଜଣ ପ୍ରତିଭା ସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।

# ପରିବେଶ ସୁରକ୍ଷା ବାର୍ତ୍ତା ନେଇ ସାଇକେଲ ଯାତ୍ରା




ପରିବେଶ ସଚେତନତା ପାଇଁ ବିଦ୍ୟାଳୟ ପରିସରରୁ ସାଇକେଲଯାତ୍ରାରେ ବାହାରିଥିବା ବିଶ୍ୱଜିତ୍ ପରିଡାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି।

ଡେଲାଙ୍ଗ, ୨୯।୧୧ (ରଶ୍ମୀରଞ୍ଜନ ପ୍ରଧାନ)

ସମ୍ପ୍ରତି ଅତ୍ୟାଧୁନିକ ଯୁଗରେ ଯନ୍ତ୍ରପାତିର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି। ସେହିପରି ପ୍ରତ୍ୟେକ ଯନ୍ତ୍ରପାତି ଚାଲିବାକୁ ହେଲେ ଇନ୍ଧନର ମଧ୍ୟ ଆବଶ୍ୟକତା ରହିଛି। ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ କମ୍ ସମୟରେ ପହଞ୍ଚିବାକୁ ହେଲେ ଯାନବାହନ ଆବଶ୍ୟକ। ଏହି ଯାନବାହନ ଚାଳନା ଦ୍ୱାରା ସେଥିରୁ ବାହାରୁଥିବା ଧୂଆଁରେ ପ୍ରଚୁର ପରିମାଣରେ ଅଙ୍ଗାରକାମ୍ଳ ରହିଥାଏ। ଅଙ୍ଗାରକାମ୍ଳ ଦ୍ୱାରା ପରିବେଶ ପ୍ରଦୂଷଣ ହୋଇଥାଏ। ଆମ ପରିବେଶକୁ ସୁରକ୍ଷା ଓ ସନ୍ତୁଳନ ରକ୍ଷା କରିବା ପାଇଁ ଯାନବାହନର କମ୍ ବ୍ୟବହାର କରି ସାଇକେଲ ଚାଳନା ସହ ପ୍ରତ୍ୟେକ ବ୍ୟକ୍ତି ଚାରା ରୋପଣ କରିବା ଉଚିତ। ଏହି ବାର୍ତ୍ତା ନେଇ ପରିବେଶପ୍ରେମୀ ବିଶ୍ୱଜିତ ପରିଡା ବୁଧବାର ଡେଲାଙ୍ଗରୁ କୋଣାର୍କ ଅଭିମୁଖେ ସାଇକେଲ ଯାତ୍ରା ଆରମ୍ଭ କରିଛନ୍ତି। ସେ ଡେଲାଙ୍ଗ ଷ୍ଟେଶନ ବଜାର ସନ୍ନିକଟ ଭାରତୀ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରୁ ଆରମ୍ଭ କରିଥିଲେ। ବିଦ୍ୟାମନ୍ଦିର ପକ୍ଷରୁ ସମ୍ପାଦକ କିଶୋର ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ନବକିଶୋର ମହାପାତ୍ର, ଶିକ୍ଷକ ସର୍ବେଶ୍ୱର ବାରିକ, ଦେବାଶିଷ ମହାପାତ୍ର, ନିରଞ୍ଜନ ସାହୁ, ଶିକ୍ଷୟିତ୍ରୀ ଇତିପ୍ରଭା ପାଇକରାୟ, ଅନୁସୂୟା ପଣ୍ଡା, ଚିନ୍ମୟୀ ମହାପାତ୍ର, ବିଜୟଲକ୍ଷ୍ମୀ ନାୟକ, ହରପ୍ରିୟା ରାୟ ପ୍ରମୁଖ ବିଶ୍ୱଜିତଙ୍କୁ ସ୍ୱାଗତ ଜଣାଇଥିଲେ। ସେ ଡେଲାଙ୍ଗରୁ ବାହାରି ପଟ୍ଟନାଇକିଆ, ସୁଆଣ୍ଡୋ, କେତକୀପାଟଣା, ନାଗପୁର ପ୍ରଭୃତି ସ୍ଥାନରେ ପରିବେଶ ସୁରକ୍ଷା ବାର୍ତ୍ତା ଦେଇ କୋଣାର୍କରେ ପହଞ୍ଚି ସାଇକେଲ ମାରାଥନରେ ଯୋଗଦେବେ ବୋଲି ଜଣାପଡ଼ିଛି।

## ଜଗନ୍ନାଥ ସଡ଼କକୁ ଜାତୀୟ ରାଜପଥ ମାନ୍ୟତା ଦାବି

ପୁରୀ, ୨୯।୧୧ (ଅଜିତ ମହାନ୍ତି)

ଜଗନ୍ନାଥ ସଡ଼କକୁ ଜାତୀୟ ରାଜପଥ ମାନ୍ୟତା ଦାବିରେ ସାମାଜିକ ଅନୁଷ୍ଠାନ 'ପ୍ରୟାସ' ପକ୍ଷରୁ ଜାତୀୟ ରାଜପଥ ଆଞ୍ଚଳିକ ମୁଖ୍ୟ ବୀରେନ୍ଦ୍ର ସିଂହଙ୍କୁ ଭେଟି ଏକ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଉଲ୍ଲେଖ ହୋଇଛି ଯେ, ପୁରୀକୁ ଦକ୍ଷିଣ ଓଡ଼ିଶା ଓ ପଶ୍ଚିମ ଓଡ଼ିଶା ସହିତ ସଂଯୋଗ କରୁଥିବା ଅବିଭକ୍ତ ପୁରୀ ଜିଲାର ଜୀବନରେଖା ନୂଆ ଜଗନ୍ନାଥ ସଡ଼କ। ତେଣୁ ଉକ୍ତ ସଡ଼କକୁ ଔପଚାରିକ ଭାବେ ଜାତୀୟ ରାଜପଥ ମାନ୍ୟତା ପ୍ରଦାନ କରିବା ସହ ରାସ୍ତା କାର୍ଯ୍ୟ ଆରମ୍ଭ କରାଯାଉ। ଉକ୍ତ ସଡ଼କ ଜାତୀୟ ରାଜପଥ ମାନ୍ୟତା ପାଇବା ପାଇଁ ସମସ୍ତ ଆବଶ୍ୟକତା ପୂରଣ କରିସାରିଥିବାରୁ ଏବଂ ଏହାର ଡିପିଆର୍ ପ୍ରସ୍ତୁତ କରାଯାଇ ଭୂପୃଷ୍ଠ ପରିବହନ ମନ୍ତ୍ରଣାଳୟକୁ ୫ବର୍ଷ ପୂର୍ବରୁ ପ୍ରଦାନ କରାଯାଇ ସାରିଥିବାରୁ ଏ କ୍ଷେତ୍ରରେ ଅଗ୍ରଗତି ବିଳମ୍ବିତ ହେବା ଦୁର୍ଭାଗ୍ୟଜନକ ବୋଲି କୃଷ୍ଣଚନ୍ଦ୍ର ଜଗଦେବ ଆଲୋଚନା କାଳରେ କହିଥିଲେ। ସେହିପରି ପ୍ରୟାସ ରାଜ୍ୟ ସମ୍ପାଦକ କାମାକ୍ଷା ପ୍ରଧାନ ଜନସ୍ୱାର୍ଥ ସମ୍ବଳିତ ଏହି ପ୍ରସଙ୍ଗକୁ ଯଦି ଆଉ ଅଣଦେଖା କରାଯିବ ତେବେ ଜନ ଆନ୍ଦୋଳନ କରାଯିବ ବୋଲି କହିଥିଲେ। ଉକ୍ତ ପ୍ରତିନିଧି ମଣ୍ଡଳୀରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀନିବାସ ପାତ୍ର, ଜିଷ୍ଣୁଜୟ ମତଗଜ ସିଂ, ଅନନ୍ତ ନାରାୟଣ ମଙ୍ଗରାଜ, ରତିକାନ୍ତ ତ୍ରିପାଠୀ ଏବଂ ତରୁଣସେନ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଆଲୋକ



@ ଜିତୁ



@ ପିଙ୍କି



@ ସୁକାନ୍ତି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# କଲେଜରୁ ପଡ଼ିବ କ୍ରୀଡ଼ାର ଭିତ୍ତିଭୂମି

**ଲୋକଲୋଚନକୁ ଆସିବ ଛାତ୍ରୀଛାତ୍ରଙ୍କ ପ୍ରତିଭା**

ଅସ୍ତରଙ୍ଗ, ୨୯।୧୧ (ପ୍ରଦୀପ୍ତ କୁମାର ଦୀକ୍ଷିତ)

କଲେଜରୁ ପଡ଼ିବ କ୍ରୀଡ଼ାର ଭିତ୍ତିଭୂମି। ଲୋକଲୋଚନକୁ ଆସିବ ଛାତ୍ରୀଛାତ୍ରଙ୍କ ପ୍ରତିଭା। ପିଲାଙ୍କ ବୌଦ୍ଧିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ନୂଆ ପଦକ୍ଷେପ କ୍ରମେ କଲେଜରେ ଆରମ୍ଭ ହୋଇଛି ଇଣ୍ଟିଗ୍ରେଟେଡ଼ ୟୁଥ ଡେଭଲପ୍‌ମେଣ୍ଟ ପୋଗ୍ରାମ। ବୁଧବାର ପୂର୍ବାହ୍ନରେ ଅସ୍ତରଙ୍ଗ ମହାବିଦ୍ୟାଳୟର ଯୁକ୍ତଦୁଇ ଛାତ୍ରୀଛାତ୍ରୀମାନେ ଜାଗୁଲାଇଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ଜିଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ଫ୍ଲାଗ ମାର୍ଚ୍ଚ କରିବା ପରେ କ୍ରୀଡା ମଶାଲ ଧରି ଶୋଭାଯାତ୍ରାରେ ମହାବିଦ୍ୟାଳୟରେ ପହଞ୍ଚିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜିତେନ୍ଦ୍ର କୁମାର ସାମଲଙ୍କ ସଭାପତିତ୍ୱରେ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ଓ ସମ୍ମାନିତ ଅତିଥି ଭାବେ ଭୀମସେନ ସ୍ୱାଇଁ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ପାଠପଢା ସହିତ ସେମାନଙ୍କ ପ୍ରତିଭା ଲୋକଲୋଚନକୁ ଆଣିବା ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ବୋଲି ଅତିଥିମାନେ କହିଥିଲେ। କ୍ରିକେଟ, ହକି, ଫୁଟବଲ, କବାଡି, ଖୋ ଖୋ କ୍ରୀଡ଼ା ସମେତ ସାଂସ୍କୃତିକ ପ୍ରତିଯୋଗିତାରେ ପାରମ୍ପରିକ ନୃତ୍ୟ ସହ ସାମାଜିକ କାର୍ଯ୍ୟକ୍ରମରେ ସଫେଇ, ପ୍ଲାଷ୍ଟିକମୁକ୍ତ ଓ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ଛାତ୍ରୀଛାତ୍ରମାନେ ଖୁସି ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିଜୟ ଦାସ, ଅଜିତ ବିଶ୍ୱାଳ, ହରିଶ୍ଚନ୍ଦ୍ର ସ୍ୱାଇଁ, ରଶ୍ମିରେଖା ସାହୁ, ସୁନୀତି ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୁରୀରେ ହେବ ପର୍ଯ୍ୟଟନ ସମ୍ମିଳନୀ

ପୁରୀ, ୨୯।୧୧ (ଅଜିତ ମହାନ୍ତି)

'ଇକୋ ଆଣ୍ଡ୍ ଗ୍ରୀନ ସଷ୍ଟେନେବଲ୍ ଟୁରିଜମ୍' ଶୀର୍ଷକରେ ପୁରୀରେ ଦୁଇଦିନିଆ ପର୍ଯ୍ୟଟନ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏନେଇ ବୁଧବାର ଏକ ଘରୋଇ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସୂଚନା ଅନୁଯାୟୀ, ଫେୟାର ଭିୟୁ ମିଡିଆ ଇଣ୍ଟରନ୍ୟାଶନାଲ ଟୁରିଜମ୍ କନ୍‌କ୍ଲେଭ ନାମକ ଏହି ସମ୍ମିଳନୀକୁ ଫେୟାର ଭିୟୁ ମିଡିଆ ପ୍ରାଇଭେଟ ଲିମିଟେଡ ଆୟୋଜନ କରିବ। ପୁରୀର ରିସୋର୍ଟ ଜେନିୟସ ହର୍ମିଟେଜ କୋସଲରେ ନଭେମ୍ବର ୩୦ ଓ ଡିସେମ୍ବର ୧ ଦୁଇଦିନ ବ୍ୟାପୀ ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ସାରା ଦେଶରୁ ପର୍ଯ୍ୟଟନ ସହ ଜଡ଼ିତ ବ୍ୟକ୍ତିବିଶେଷ ଯୋଗଦେବେ। କାର୍ଯ୍ୟକ୍ରମରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଅତିଥି ଭାବେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ଲୋକଲୋଚନକୁ ଆଣିବା ତଥା ବିଭିନ୍ନ ଟୁର୍ ଅପରେଟର୍ସଙ୍କୁ ଓଡ଼ିଶା ସମ୍ପର୍କରେ ଅବଗତ କରାଇବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ବୋଲି କମ୍ପାନୀର ସିଇଓ ତଥା ଚେୟାରମ୍ୟାନ ପି.କେ. କରାର ଏବଂ ପରିଚାଳନା ନିର୍ଦ୍ଦେଶକ ମୋହୁଆ ନନ୍ଦନ ଦେ ସୂଚନା ଦେଇଛନ୍ତି।

## ପର୍ଯ୍ୟଟକ ବସ୍‌ରୁ ମୋବାଇଲ ଚୋରି କରି ଅଭିଯୁକ୍ତ ଗିରଫ

ବଳଙ୍ଗା, ୨୯।୧୧ (କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଧୀନ ଗୋଡ଼ିମାଳସ୍ଥିତ ମହାଦେବ ମନ୍ଦିର ସମ୍ମୁଖରେ ବୁଧବାର ପାର୍କିଂ କରିଥିବା ଏକ ପର୍ଯ୍ୟଟକ ବସ୍‌ରୁ ମୋବାଇଲ ଓ ମନିପର୍ସ ଚୋରି କରିବା ଅଭିଯୋଗରେ ବଳଙ୍ଗା ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଗୋଡ଼ିମାଳ ଗ୍ରାମର ସିପକ ସାହାଣୀ (୨୩)। ପୋଲିସ ତାଙ୍କ ନିକଟରୁ ଏକ ଚୋରା ବାଇକ୍ ଜବତ କରିଛି। ସୂଚନା ମୁତାବକ, ଗଞ୍ଜାମ ଜିଲା ଅଧୀନ ଭଞ୍ଜନଗର ଥାନା ଭେଜିପୁର ଗ୍ରାମର ସନାତନ ନାୟକଙ୍କ ଅଭିଯୋଗ ଅନୁଯାୟୀ, ସନାତନ ପୁରୀରୁ ବୁଧବାର ପୂର୍ବାହ୍ନରେ ଯାତ୍ରୀଙ୍କୁ ଏକ ବସ୍‌ରେ ନିମାପଡ଼ା ଅଭିମୁଖେ ଯାଉଥିଲେ। ସେ ବସ୍‌କୁ ଗୋଡ଼ିମାଳସ୍ଥିତ ମହାଦେବ ମନ୍ଦିର ସମ୍ମୁଖରେ ରଖି ମନ୍ଦିର ଭିତରକୁ ପ୍ରସାଦ ପାଇଁ ଯାଇଥିଲେ। ସେହିସମୟରେ ସିପକ ଏକ ବାଇକରେ ବସ୍ ସିଟ ଉପରେ ଥିବା ସନାତନଙ୍କ ମୋବାଇଲ ଓ ମନିପର୍ସକୁ ନେଇ ଫେରାର ହୋଇଯାଇଥିଲେ।

# ରେଲଓ୍ୱେ କ୍ରସିଂ ଫାଟକ ଭାଙ୍ଗିପଡ଼ିଲା

**୩୦ ମିନିଟ୍ ଟ୍ରେନ୍ ଚଳାଚଳ ବ୍ୟାହତ**

ସାକ୍ଷୀଗୋପାଳ, ୨୯।୧୧ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଚନ୍ଦ୍ରକୋଟ ଛକ ନିକଟରେ ବୁଧବାର ରେଲଓ୍ୱେ କ୍ରସିଂର ଏକ ଫାଟକ ଭାଙ୍ଗିପଡ଼ିଥିଲା। ଫଳରେ ରେଳଫାଟକ ବନ୍ଦ ହୋଇ ପାରି ନ ଥିଲା ଓ କମ୍ପ୍ୟୁଟର ସିଗ୍‌ନାଲ ବ୍ୟବସ୍ଥା ଅଚଳ ହୋଇଯାଇଥିଲା। ଉଭୟ ପଟୁ ଆସୁଥିବା ଟ୍ରେନ୍ ପ୍ରାୟ ୩୦ ମିନିଟ ପର୍ଯ୍ୟନ୍ତ ଅଟକି ରହିଥିଲା। ମାନୁଆଲ ବ୍ୟବସ୍ଥାରେ ସିଗ୍‌ନାଲ ବ୍ୟବସ୍ଥା ହେବା ପରେ ପୁଣି ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଥିଲା। ଏହି ସମସ୍ୟା ଯୋଗୁ ପଟ୍ଟନାୟିକିଆ-ଡେଲାଙ୍ଗ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହାନ ଅଟକି ରହିଥିଲା। ଭାଙ୍ଗିଯାଇଥିବା ଫାଟକ ମରାମତି କରାଯିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।



ଭାଙ୍ଗିପଡ଼ିଥିବା ଗେଟ୍ ଅଧାରେ ଅଟକି ରହିଛି।

# ଡିସେମ୍ବର ୨୮ରେ ପାଳନ ହେବ ବିଜୟ ଦିବସ

**ନୀଳାଚଳ କୃଷକ ମହାସଂଘର ସାଙ୍ଗଠନିକ ବୈଠକ**

ସାକ୍ଷୀଗୋପାଳ, ୨୯।୧୧ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର/ଭରତ ରାଉତ)

ନୀଳାଚଳ କୃଷକ ମହାସଂଘର ସାଙ୍ଗଠନିକ ବୈଠକ ବୁଧବାର ପୁରୀ ସଦର ବ୍ଲକ ପ୍ରତାପରାମଚନ୍ଦ୍ରପୁର ପଞ୍ଚାୟତ ଅଧୀନ କରଡ଼ି ଗ୍ରାମସ୍ଥିତ ପଦ୍ମାବତୀ ମନ୍ଦିର ପ୍ରାଙ୍ଗଣରେ ମହାସଂଘର ରାଜ୍ୟ ସଭାପତି ଗୋପୀନାଥ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଏବଂ କୃଷକଙ୍କ ଉନ୍ନତି ପାଇଁ ଯେଉଁ ଯୋଜନା ପ୍ରଣୟନ କରୁଛନ୍ତି ତାହା କୃଷକଙ୍କ ନିକଟରେ ଠିକ ଭାବେ ପହଞ୍ଚି ପାରୁନାହିଁ। ସେହିପରି କୃଷକମାନଙ୍କ ସମନ୍ୱୟ ଓ ସଚେତନତା ଅଭାବରୁ ଅଧିକାରୀ ଏବଂ ରାଜନେତାଙ୍କ ମଧୁଚନ୍ଦ୍ରିକା ଯୋଗୁ କୃଷକମାନଙ୍କ ପାଇଁ ଆସୁଥିବା ସମସ୍ତ ସୁବିଧା ସୁଯୋଗ ନିଜ ନିୟନ୍ତ୍ରଣରେ ରଖୁଛନ୍ତି। ଏହାକୁ ସୁବ୍ୟବସ୍ଥିତ କରିବା ପାଇଁ ଚାଷୀମାନେ



ବୈଠକରେ ଉପସ୍ଥିତ ମହାସଂଘର କର୍ମକର୍ତ୍ତା ଓ କୃଷକମାନେ।

ଏକ ହୋଇ ସ୍ୱର ଉଠାଇବା ସମୟ ଉପନୀତ ହୋଇଛି ବୋଲି ମହାସଂଘର ରାଜ୍ୟ ସଭାପତି ମିଶ୍ର କହିଛନ୍ତି। ଗତ ୨୦୧୬ ଡିସେମ୍ବର ୨୮ରେ ସତ୍ୟବାଦୀ ବ୍ଲକଠାରେ ଏକ ଚାଷୀ ଆନ୍ଦୋଳନରେ ଚାଷୀମାନେ ଆହାର ନେଉଥିବାବେଳେ ପ୍ରଶାସନର ଲାଠି ଚାଳନା ସହିତ ସଂଘର ୧୩ ଜଣ କର୍ମକର୍ତ୍ତାଙ୍କୁ କାରାଗାରକୁ ପଠାଇ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଆସନ୍ତା ଡିସେମ୍ବର ୨୮ରେ ଚାଷୀମାନଙ୍କୁ ନେଇ ବିଜୟ ଦିବସ ପାଳନ କରିବା ପାଇଁ ମହାସଂଘ ଉପସଭାପତି ପ୍ରକାଶ କୁମାର ନାୟକ ଘୋଷଣା କରିଥିଲେ। ବୈଠକରେ ଉପସ୍ଥିତ ଥିବା ପଦାଧିକାରୀମାନେ ନୂତନ ସଭ୍ୟ ସଂଗ୍ରହ ଉପରେ ଗୁରୁତ୍ୱ ଦେଇଥିଲେ। ପୁରୀ ଜିଲାର ସମସ୍ତ ଚାଷୀଙ୍କୁ ମହାସଂଘରେ ସଭ୍ୟ ଓ ସଭ୍ୟା ରୂପେ ଅନ୍ତର୍ଭୁକ୍ତ କରିବା ସହ ଜିଲାର ପ୍ରତ୍ୟେକ ପଞ୍ଚାୟତରେ ସ୍ୱତନ୍ତ୍ର ବୈଠକ କରିବାକୁ ନବନିଯୁକ୍ତ ସମ୍ପାଦକ ବିପ୍ରବର ପାତ୍ର କହିଥିଲେ। ବୈଠକରେ ଉପଦେଷ୍ଟା ମଣ୍ଡଳୀର ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, ଗୁଣନିଧି ପାତ୍ର, ସଙ୍ଗଠକ ଶ୍ୟାମସୁନ୍ଦର ନାୟକ, ସମନ୍ୱୟ କମିଟିର ଅଧ୍ୟକ୍ଷ ଗୁଣନିଧି ପାତ୍ର, ସଙ୍ଗଠନ ସମ୍ପାଦକ ଚନ୍ଦ୍ରକାନ୍ତ ରାଉତରାୟ, ଦଳିତ ସେଲ୍ ଅଧ୍ୟକ୍ଷ ମହେଶ୍ୱର ବେହେରା, ସମସ୍ତ ବ୍ଲକର ସଭାପତି ଏବଂ ବରିଷ୍ଠ କର୍ମକର୍ତ୍ତାଙ୍କ ସହିତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।



ବୁଧବାର ୩ୟ ସନ୍ଧ୍ୟାରେ କଟକ ବାଲିଯାତ୍ରା ପଡ଼ିଆ ଲୋକରଣ୍ୟ।

## ଆଇଏଫ୍‌ବିର ଆକର୍ଷଣୀୟ ଷ୍ଟଲ୍

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆଇଏଫ୍‌ବି ହୋମ୍ ଆପ୍ଲାଏନ୍ସେସ୍‌ର ଓଡ଼ିଶା ୟୁନିଟ ପକ୍ଷରୁ ବିଶ୍ୱପ୍ରସିଦ୍ଧ କଟକ ବାଲିଯାତ୍ରା ତଳ ପଡିଆରେ ସର୍ବବୃହତ୍ ଆକର୍ଷଣୀୟ ଷ୍ଟଲ୍ ଖୋଲାଯାଇଛି। ଅଭିନେତା ସିଦ୍ଧାନ୍ତ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଆଇଏଫ୍‌ବି ହୋମ୍ ଆପ୍ଲାଏନ୍ସେସ୍‌ର ଶାଖା ପରିଚାଳକ ଶ୍ରେୟ ସୌରଭ ମିଶ୍ର, ଡିଷ୍ଟ୍ରିବ୍ୟୁଶନ ହେଡ୍ ଅନୁରୂପ ପଟ୍ଟନାୟକ, ଶାଖା ମୁଖ୍ୟ (ଏସି ଏବଂ ରେଫ୍ରିଜେଟର) କିଶୋର କୁମାର ମିଶ୍ର, ବ୍ରାଞ୍ଚ ସେଲ୍‌ସ ଟ୍ରେନର ଦେବାଶିଷ ରଣସିଂହ ଏବଂ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଏହି ଷ୍ଟଲ୍ ଆସନ୍ତା ଡିସେମ୍ବର ୪ ପର୍ଯ୍ୟନ୍ତ କଟକ ବାଲିଯାତ୍ରା ତଳ ପଡିଆଠାରେ ଉପଲବ୍ଧ ରହିବ। ବିଶେଷକରି ଆଇଏଫ୍‌ବିର ଷ୍ଟଲ୍ ନଂ. ଏଲ୍‌ପି ୧୮/୧୯ରେ କମ୍ପାନୀର ଏକ୍ସକ୍ଲୁସିଭ ଆଉଟଲେଟ (ଷ୍ଟଲ୍) ରହିଥିବାବେଳେ ଗ୍ରାହକମାନେ ସୁଲଭ ମୂଲ୍ୟରେ ଗୁଣାତ୍ମକ ଓ ଚାହିଦା ମୁତାବକ ଆଇଏଫ୍‌ବି ଉତ୍ପାଦ ପାଇପାରିବେ ବୋଲି ଷ୍ଟଲ ପକ୍ଷରୁ ସୂଚନା ଦିଆଯାଇଥିଲା। ଅପରପକ୍ଷରେ ଷ୍ଟଲ ପରିସରରେ କମ୍ପାନୀର ନୂତନ ଉତ୍ପାଦଗୁଡିକୁ ମଧ୍ୟ ଅତିଥିଙ୍କ ଉପସ୍ଥିତିରେ ଉନ୍ମୋଚନ କରାଯାଇଥିଲା।



# ରାସ୍ତାରେ ଭିଡ଼, ଜମିଲା ବେପାର

କଟକ,୨୯।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)

ମହାନଦୀ ରିଂବନ୍ଧରେ ଟ୍ରାଫିକ ଜାମ୍। ଲୋକଙ୍କ ଭିଡ଼ ଧୀରେ ଧୀରେ ବଢିବାକୁ ଲାଗିଛି। ସମସ୍ତେ ଚାହୁଁଛନ୍ତି ଆଗେ ଯାଇ ବାଲିଯାତ୍ରା ପଡିଆରେ ପହଞ୍ଚିବେ। ହେଲେ ଗାଡ଼ି ଆଗକୁ ଗଡିଲେ ସିନା ଯିବେ। ଆଗରେ ଗାଡି ଥିବାରୁ ବାଧ୍ୟ ହେଉଛନ୍ତି ଅଟକି ରହିବାକୁ। ଆଗ ଗାଡ଼ି ଗଡିଲେ ପଛ ଗାଡ଼ିର ଗିଅର ପଡି ଷ୍ଟିଅରିଂ ମୋଡି ଜାମ୍ ପରିସ୍ଥିତି ନିଜେ ନ ଦେଖିଲେ ଅନୁଭବ କରିହେବ ନାହିଁ। ଏ ହେଉଛି ବୁଧବାର କଟକ ବାଲିଯାତ୍ରାକୁ ଯିବା ପାଇଁ ରାସ୍ତାର ଦୃଶ୍ୟ। ବାଲିଯାତ୍ରାକୁ ଯିବାବେଳେ ସମସ୍ତଙ୍କ ନଜର ପଡୁଛି ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସୁଥିବା ତୋରଣ ଉପରେ। ପୂର୍ବ ୨ ଦିନ ଅପେକ୍ଷା ବୁଧବାର ବାଲିଯାତ୍ରା ପଡିଆ ଲୋକାରଣ୍ୟ ହୋଇପଡିଥିଲା। ଉଭୟ ତଳ ଓ ଉପର ପଡ଼ିଆରେ ବ୍ୟବସାୟ ଜମି ଥିଲା। ବିଶେଷକରି ଓର୍‌ମାସ ଏବଂ ମିଶନ ଶକ୍ତି ଷ୍ଟଲ୍‌ରେ ଗହଳି ଲାଗିଥିଲା। କନ୍ଧମାଳର ହଳଦୀ ଓ କୋରାପୁଟ କଫି ଗ୍ରାହକଙ୍କ ପସନ୍ଦ ଆସିଥିଲା। ସେହିପରି କଟକ ଇନ୍ କଟକ ପାଭିଲିୟନରେ ସୃଷ୍ଟି ହୋଇଥିବା ଗ୍ରାମ୍ୟ ପରିବେଶରେ ଲୋକମାନେ ବେଶ୍ କିଛି ସମୟ କଟାଇବାକୁ ପସନ୍ଦ କରୁଥିଲେ। ଏଠାରେ ଥିବା ୧୦ରୁ ଊର୍ଦ୍ଧ୍ୱ ସେଲ୍ଫି ଜୋନ୍‌ରେ ଲୋକମାନେ ପରିବାର ସହ ଫଟୋ ଉଠାଇବାର ସୁଯୋଗ ହାତଛଡା କରୁ ନ ଥିଲେ। ବିଭିନ୍ନ ସ୍ଥାନରୁ ଆସିଥିବା ଲୋକମାନେ ଚଟ୍‌ପଟି ଖାଦ୍ୟ ଖାଇବା ସହ ଘରକରଣା ସାମଗ୍ରୀ କିଣି ଘରକୁ ଫେରିଥିଲେ। ଏଥର ବାଲିଯାତ୍ରା ପଡିଆରେ ରାମଦୋଳି, ବ୍ରେକ୍‌ଡ୍ୟାନ୍ସ, ଚାନ୍ଦ ତାରା ଭଳି ପ୍ରାୟ ୩୦ ପ୍ରକାରର ଦୋଳି ପଡିଛି। ଛୋଟଠାରୁ ବଡ ପର୍ଯ୍ୟନ୍ତ ସମସ୍ତେ ଦୋଳିରେ ବସି ଖୁସି ଅନୁଭବ କରିଥିଲେ।

ବାଲିଯାତ୍ରାର ତୃତୀୟ ଦିନ



ବାଲିଯାତ୍ରା ପାଇଁ ମାତା ମଠ ରିଂରୋଡ୍‌ରେ ଲମ୍ବା ଧାଡ଼ିରେ ଆସୁଥିବା ଗାଡ଼ି।

## ବିଏସ୍‌ଏନ୍‌ଏଲ୍ ଷ୍ଟଲ୍ ଉଦ୍‌ଘାଟିତ




କଟକ ବାଲିଯାତ୍ରା ପଡିଆରେ ଭାରତ ସଞ୍ଚାର ନିଗମ ଲିମିଟେଡ୍(ବିଏସ୍‌ଏନ୍‌ଏଲ୍) ତରଫରୁ ଷ୍ଟଲ ନିର୍ମାଣ କରାଯାଇଛି। ନିଗମର ମହାପ୍ରବନ୍ଧକ ରୁଦ୍ରନାରାୟଣ ପଲାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ କଟକ ବାଣିଜ୍ୟ କ୍ଷେତ୍ରର ପ୍ରଧାନ ମହାପ୍ରବନ୍ଧକ ଡ. ମନୋଜ କୁମାର ପଟେଲଙ୍କ ସହିତ ଓଡ଼ିଶା ସର୍କଲର ଉଚ୍ଚ ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଷ୍ଟଲରେ ଭାରତ ଫାଇବରର ବୁକିଂ ସହିତ ଗ୍ରାହକମାନେ ସୁଲଭ ମୂଲ୍ୟରେ ବିଏସ୍‌ଏନ୍‌ଏଲ ସିମ୍ କିଣିପାରିବେ। ଏହା ସହିତ ବିଏସ୍‌ଏନ୍‌ଏଲ୍‌ର ଅନ୍ୟ ଯୋଜନା ଓ ସେବା ସମ୍ବନ୍ଧୀୟ ତଥ୍ୟ ଏହି ଷ୍ଟଲରୁ ସଂଗ୍ରହ କରିପାରିବେ।

## ଶକ୍ତି ସଂରକ୍ଷଣ ସଚେତନତା ଷ୍ଟଲ୍

**କଟକ,୨୯।୧୧ (କାର୍ତ୍ତିକ ସାହୁ):** ଶକ୍ତି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଶକ୍ତି ବିଭାଗ ପକ୍ଷରୁ ବାଲିଯାତ୍ରା ତଳପଡ଼ିଆରେ ଦୁଇଟି ଷ୍ଟଲ୍ ଖୋଲାଯାଇଛି। ଶକ୍ତି ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ସୁରେଶ ଚନ୍ଦ୍ର ମହାରଣା ଏହାକୁ ଉଦ୍‌ଘାଟନ କରିଛନ୍ତି। ଏଥିରେ ବିଭିନ୍ନ ପ୍ରକାର ଶକ୍ତି ଦକ୍ଷ ବୈଦ୍ୟୁତିକ ଉପକରଣ, ୨ ଚକିଆ ଯାନ ଆଦି ପ୍ରଦର୍ଶିତ କରାଯାଇଛି। ବ୍ୟାପକ ଜନସେଚତନତା ସୃଷ୍ଟି ପାଇଁ ବିଭିନ୍ନ ପ୍ରକାର ଶକ୍ତି ସଂରକ୍ଷଣ ସମ୍ବନ୍ଧୀୟ ପୁସ୍ତିକା, ଲିଫ୍‌ଲେଟ୍ ଆଦି ବଣ୍ଟନ କରାଯାଉଛି। ପ୍ରତିଦିନ ଶକ୍ତି ସଂରକ୍ଷଣ ସମ୍ବନ୍ଧୀୟ ପେଣ୍ଟିଂ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସର୍ବୋଚ୍ଚ ଯନ୍ତ୍ରୀ ମହାରଣା କହିଛନ୍ତି। ବିଭାଗୀୟ କର୍ମଚାରୀମାନେ ଷ୍ଟଲ୍ ପରିଚାଳନା କରୁଛନ୍ତି।





## ପ୍ରେଷ୍ଟିଜ୍‌ର କମ୍ବୋ ଅଫର

ବାଲିଯାତ୍ରା ଉପର ପଡିଆରେ ରହିଛି ପ୍ରେଷ୍ଟିଜ୍ ପ୍ରିମିୟମ ଷ୍ଟଲ୍। ଏଠାରୁ ବିଭିନ୍ନ ସାମଗ୍ରୀ ତନଖି କିଣିପାରିବେ। ଚଳିତବର୍ଷ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ନୁଆକରି ଅନେକ ସାମଗ୍ରୀ ଉପରେ କମ୍ବୋ ଅଫର କରାଯାଇଛି। ଗୋଟିଏ ଜିନିଷ କିଣିଲେ ଆଉ ଏକ ଜିନିଷ ଫ୍ରି ମିଳିବ। ଗ୍ରାଇଣ୍ଡର ସହ ପ୍ରେସର କୁକର ମାଗଣା, ଇଣ୍ଡକସନ୍ ସହିତ ତାୱୋ ମାଗଣା ମିଳିବ। ଏହି ଅଫର ଅନ୍ୟ ସମୟରେ ଉପଲବ୍ଧ ରୁହେ ନାହିଁ। ଚଳିତବର୍ଷ ବାଲିଯାତ୍ରା ପାଇଁ କମ୍ପାନୀ ପକ୍ଷରୁ ଏହି ଅଫର ଆସିଛି। ବଜାର ଅପେକ୍ଷା ବାଲିଯାତ୍ରାରେ କମ୍ ଦାମ୍‌ରେ ସାମଗ୍ରୀ ବିକ୍ରି ହେବ। ଏଥିସହ ଲକି ଡ୍ର ସୁବିଧା ରହିଛି। ଏଥର କମ୍ପାନୀ ପକ୍ଷରୁ ୭୦୦ ଭେରାଇଟିର ସାମଗ୍ରୀ ରହିଛି। ବ୍ରାଞ୍ଚ ଅଧ୍ୟକ୍ଷ ଆଶାଦୀପ ପଣ୍ଡା ଷ୍ଟଲ୍‌କୁ ଉଦ୍‌ଘାଟନ କରିଥିବାବେଳେ ଏରିଆ ମ୍ୟାନେଜର୍ ପ୍ରବୀଣ କୁମାର ପାତ୍ର ଓ ରଞ୍ଜନ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆକର୍ଷିତ କରୁଛି ବାଉଁଶ ତିଆରି ଚିଲ



ଚଳିତବର୍ଷ ବାଲିଯାତ୍ରାରେ ଅନେକ ଆକର୍ଷଣୀୟ ସାମଗ୍ରୀ ଦେଖିବାକୁ ମିଳୁଛି। ପ୍ରଥମଥର ଖୋଲିଥିବା ମିଶନ ଶକ୍ତି ପାଭିଲିୟନ୍‌ରେ ବିକ୍ରି ହେଉଛି ବାଉଁଶ ତିଆରି ଚିଲ। ବାଉଁଶକୁ ଛୋଟ ବଡ଼ କରି କାଟି ଗୋଟିଏ ଉପରେ ଗୋଟିଏ ଖଞ୍ଜା ହୋଇ ଚିଲ ଆକୃତି ଦିଆଯାଇଛି। ଏହାର ମୂଲ୍ୟ ୨୦୦୦ ଟଙ୍କା ରହିଛି। ମୟୂରଭଞ୍ଜ ଅଞ୍ଚଳର ତିଳୋତ୍ତମା ମହାନ୍ତି ଏହି ସାମଗ୍ରୀ ବିକ୍ରି ପାଇଁ ବାଲିଯାତ୍ରାକୁ ଆସିଛନ୍ତି। ପ୍ରଥମଥର ପାଇଁ ବାଲିଯାତ୍ରାରେ ମିଶନ ଶକ୍ତି ମା'ମାନଙ୍କର ଗୋଟିଏ ପରିସରରେ ଏପରି ବ୍ୟବସ୍ଥା କରାଯାଇଥିବାରୁ ଏଥିପାଇଁ ବହୁତ ଖୁସି ବୋଲି ସେ କହିଛନ୍ତି।

## ମାଇକ୍ରମ୍ ସୂତାରେ ଘରସଜା ସାମଗ୍ରୀ



ନାଲି, ନେଳି ସବୁଜ ରଙ୍ଗ ଦୂରରୁ ଯେତିକି ଆକୃଷ୍ଟ କରୁଛି ପାଖରୁ ସେତିକି ସୁନ୍ଦର ଦିଶୁଛି। ଏଭଳି ଏକ ରଙ୍ଗବେରଙ୍ଗ ନିଆରା ସାମଗ୍ରୀ ନେଇ ଆସିଛନ୍ତି ବାଲେଶ୍ୱର ଅଞ୍ଚଳରର କ୍ରିଷ୍ଣା ହ୍ୟାଣ୍ଡ୍ କ୍ରାଫ୍ଟ ପ୍ରଡକ୍ସନ ଗ୍ରୁପ। ରଙ୍ଗିନ୍ ମାଇକ୍ରମ୍ ସୂତାରେ ଅନେକ ଘରସଜା ସାମଗ୍ରୀ ପ୍ରସ୍ତୁତ କରିଛି ଏହି ଗ୍ରୁପ। ଏହି ସୂତାରେ ଗଣେଶଙ୍କ ପ୍ରତିକୃତିଠାରୁ ଆରମ୍ଭ କରି ମନିପର୍ସ ତିଆରି କରାଯାଇଛି। ଏହାର ମୂଲ୍ୟ ୧୦୦ରୁ ୧୫୦ ଟଙ୍କା ପର୍ଯ୍ୟନ୍ତ ରହିଛି।

# ମୁଗ୍ଧକଲା ସ୍ୱୟମ୍‌ଙ୍କ ଗୀତ, ଗୀତିନାଟ୍ୟ

କଟକ, ୨୯।୧୧(ଶିଲ୍ପା ପ୍ରିୟଦର୍ଶିନୀ)



ଗଣକବି ବୈଷ୍ଣବପାଣି ମଞ୍ଚରେ ଢ଼େଙ୍କାନାଳ କଳା ପରିଷଦ ପକ୍ଷରୁ ପରିବେଷିତ ଗୀତିନାଟ୍ୟ।



କଣ୍ଠଶିଳ୍ପୀ ସ୍ୱୟମ୍ ପାଢ଼ୀ ସଙ୍ଗୀତ ପରିବେଷଣ କରୁଛନ୍ତି।

କଟକ ବାଲିଯାତ୍ରା ପଡିଆ ଗଣକବି ବୈଷ୍ଣବ ପାଣି ମଞ୍ଚରେ ବୁଧବାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଣ୍ଠଶିଳ୍ପୀ ସ୍ୱୟମ୍ ପାଢ଼ୀଙ୍କ ଅନେକ ମନଛୁଆଁ ଗୀତ ଶୀତୁଆ ସନ୍ଧ୍ୟାରେ ଦର୍ଶକଙ୍କୁ ମତୁଆଲା କରିଥିଲା। ମତେ ତୁ ତୋ ମନରେ ଟୋପା ଟୋପା ମେଘ କରିଦେ... ଗୀତରୁ ତୃତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ 'ତୁ ନୁଆ ସାଏରୀ ନା ନୂଆ କବିତା', 'ଡିଅର ଛୋରି ତୁ ବିୟୁଟିଫୁଲ କନ୍ୟାକୁମାରୀ' ଭଳି ଲୋକପ୍ରିୟ ଗୀତରେ ଦର୍ଶକ ଝୁମିଥିଲେ। ଏଥିସହ ଅଭିନେତ୍ରୀ ପୁନମ୍ ମିଶ୍ର ଓ ଅଭିନେତା ଶୁଭାଶିଷ ଶର୍ମାଙ୍କ ନୃତ୍ୟ ମାହୋଲକୁ ସରଗରମ କରିଥିଲା। ସେହିପରି କଟକ ରେବାଦେବୀ ଶୋଭନୀୟ ଶିକ୍ଷାଶ୍ରମ ପକ୍ଷରୁ ଶାସ୍ତ୍ରୀୟ ନୃତ୍ୟ, ଝାଡ଼ଖଣ୍ଡ ନଟରାଜ କଳାକେନ୍ଦ୍ର ଚୋଗା ପକ୍ଷରୁ ପାଇକ ନୃତ୍ୟ, ଢେଙ୍କାନାଳ କଳା ପରିଷଦ ପକ୍ଷରୁ ଗୀତିନାଟ୍ୟ, କଟକ ଶ୍ରୀ କଳାମନ୍ଦିର ପକ୍ଷରୁ ମାହାରୀ ଓ ମୟୂରୀ ନୃତ୍ୟ, କଟକ ନୃତ୍ୟାଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଓଡ଼ିଶୀ ନୃତ୍ୟ, ପୁରୀ ନୀଳାଦ୍ରି ଗୋଟିପୁଅ ନୃତ୍ୟ ପରିଷଦ ପକ୍ଷରୁ ଗୋଟିପୁଅ ନୃତ୍ୟ, କଟକ ମାତୃଶକ୍ତି ଡ୍ୟାନ୍ସ ଏକାଡେମୀ ପକ୍ଷରୁ ରାଜସ୍ଥାନୀ ଲୋକନୃତ୍ୟ, ପୁରୀ ଅନନ୍ୟା କଳାମନ୍ଦିର ପକ୍ଷରୁ ନବଦୁର୍ଗା ନୃତ୍ୟ ପରିବେଷଣ କରାଯାଇଥିଲା।

ଅପରପକ୍ଷରେ ଅକ୍ଷୟ ମହାନ୍ତି ମଞ୍ଚରେ ନୃତ୍ୟାଙ୍ଗନା କଟକ ଏକାଡେମୀ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ସେହିପରି ବଲାଙ୍ଗୀରର ନଟରାଜ କଳା ପରିଷଦ ପକ୍ଷରୁ ଲୋକନୃତ୍ୟ, ଢେଙ୍କାନାଳ ସରଗମ ପକ୍ଷରୁ ଓଡ଼ିଶୀ ଯୁଗଳବନ୍ଦୀ ନୃତ୍ୟ, କଟକ କିଶୋର କୁମାର ସାହୁ ଓ ଗ୍ରୁପ ପକ୍ଷରୁ ସୁଗମ ସଂଗୀତ, ଭୁବନେଶ୍ୱର ନୃତ୍ୟ ଦର୍ପଣ ପକ୍ଷରୁ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ, କଟକ ନବବ୍ରହ୍ମ କଳାଶ୍ରୀ ପରିଷଦ ପକ୍ଷରୁ ଭଜନ, କଟକ ଶ୍ରୀଜଗନ୍ନାଥ ଏକାଡେମୀ ପକ୍ଷରୁ ମାହାରି ନୃତ୍ୟ ପରିବେଷିତ ହୋଇଥିଲା। ତେବେ ସନ୍ଧ୍ୟାର ଆକର୍ଷଣ ସାଜିଥିଲେ ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ୍ ମଜୁମ୍‌ଦାର। ସକାଳର ପହିଲି ଗାଡ଼ିରେ..., ତୁ କି ସେଇ ନୀଳ ନୟନା..., ପ୍ୟାର୍ କରିବି କୁଞ୍ଚମ କୁଞ୍ଚମ ଗୀତ ଗାନ କରି ଦର୍ଶକୁ ଝୁମେଇଥିଲେ।

## ସଂକ୍ଷେପରେ

### ୫୨ ଗ୍ରାମ୍ ବ୍ରାଉନସୁଗାର ଜବତ: ଜଣେ ଗିରଫ

**ଖୋର୍ଦ୍ଧା,୨୯ା୧୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ନୂଆବସଷ୍ଟାଣ୍ଡ ନିକଟ ମଧୁସୂଦନ ନଗରସ୍ଥିତ ଏକ ଘରୋଇ କଲ୍ୟାଣ ମଣ୍ଡପ ସମ୍ମୁଖରେ ଗ୍ରାହକଙ୍କୁ ଅପେକ୍ଷା କରିଥିବାବେଳେ ଜଣେ ବେପାରୀଙ୍କୁ ଅବକାରୀ ପୋଲିସ ଗିରଫ କରିଛି। ଗିରଫ ବେପାରୀ ହେଲେ ଆଦର୍ଶ ଥାନା ଅନ୍ତର୍ଗତ ଗହଦ୍ୱାରସାହିର ଅନନ୍ତ କାଣ୍ଡି। ତାଙ୍କଠାରୁ ୫୨ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏହାର ମୂଲ୍ୟ ୫ଲକ୍ଷ ୨୦ ହଜାର ଟଙ୍କା ବୋଲି ଅବକାରୀ ଇନ୍ସପେକ୍ଟର ଆଲୋକ କୁମାର ପ୍ରଧାନ କହିଛନ୍ତି। ସୂଚନା ଅନୁସାରେ, ସକାଳ ୮ଟା ବେଳେ ଅନନ୍ତ ବ୍ରାଉସୁଗାର ବିକ୍ରି କରିବା ଲାଗି ଉକ୍ତ କଲ୍ୟାଣ ମଣ୍ଡପ ସମ୍ମୁଖରେ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଏନେଇ ବିଶେଷସୂତ୍ରରୁ ଖବର ପାଇ ଅବକାରୀ ପୋଲିସ ତାଙ୍କୁ ଧରିବା ଲାଗି ସେଠାରେ ଚଢାଉ କରିଥିଲେ। ଅନନ୍ତ ସେଠାରୁ ଖସିଯିବାକୁ ଉଦ୍ୟମ କଲାବେଳେ ଅବକାରୀ ଟିମ ତାଙ୍କୁ କାବୁ କରିଥିଲେ। ଏ ନେଇ ଏକ କେସ୍ (ନଂ. ୫୩/୨୩)ରେ ମାମଲା ରୁଜୁ କରାଯାଇଛି।

### ନକଲି ନୋଟ ଧରାଇ ଛେଳି ନେଇ ଚମ୍ପଟ

**ଖୋର୍ଦ୍ଧା,୨୯ା୧୧(ପ୍ରଭାତ ପାଣିଗ୍ରାହୀ)**

୯ ହଜାର ଟଙ୍କାର ନକଲି ଖେଳଣା ନୋଟ ଧରାଇ ଏକ ଛେଳି ନେଇ ଜଣେ ବ୍ୟକ୍ତି ଚମ୍ପଟ ମାରିଛନ୍ତି। ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ସିକୋ ଫାଣ୍ଡି ଅନ୍ତର୍ଗତ ହଜ ଗ୍ରାମରେ ଏଭଳି ଘଟଣା ଘଟିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ହଜ୍ ଆଦିବାସୀ ସାହିର ୭୦ ବର୍ଷୀୟ ଗରିବ ପାଣ୍ଡବ ନାୟକ ପାଳିଥିବା କେତେକ ଛେଳିକୁ ନେଇ ହଜ-ସିକୋ ରାସ୍ତାର ଟାଙ୍ଗୋଳ ଛକ ନିକଟ ରାସ୍ତାପାର୍ଶ୍ୱ ଜଙ୍ଗଲରେ ଚରାଉଥିଲେ। ଏତିକିବେଳେ ହଜରୁ ସିକୋ ଅଭିମୁଖେ ଏକ ନୀଳରଙ୍ଗର ବାଇକରେ ଯାଉଥିବା ଜଣେ ଅଚିହ୍ନା ବ୍ୟକ୍ତି ସେଠାରେ ଅଟକି ଗୋଠରେ ଥିବା ବଡ଼ଛେଳିକୁ ମୂଲଚାଲ କରିଥିଲେ। ଶେଷରେ ୯ହଜାର ଟଙ୍କାରେ ଛେଳିଟିକୁ ବିକ୍ରି କରାଯିବ ବୋଲି ସ୍ଥିର ହୋଇଥିଲା। ଏହି ଅଚିହ୍ନା ବ୍ୟକ୍ତିଜଣକ ପାଖରେ ରଖିଥିବା ଏକ ବଡ ବ୍ୟାଗରେ ଛେଳିଟିକୁ ଭର୍ତ୍ତିକରି ବଜାରରେ ପିଲାଙ୍କ ଖେଳଣାଭାବେ ବିକ୍ରି କରାଯାଉଥିବା ଜାଲ୍ ୯ହଜାର ଟଙ୍କା ପାଣ୍ଡବଙ୍କ ହାତରେ ଧରାଇ ସେଠାରୁ ଫେରାର ହୋଇଯାଇଥିଲେ। ପାଣ୍ଡବ ଏହା ଅସଲି କି ନକଲି ଜାଣିପାରି ନ ଥିଲେ। ଘରକୁ ଫେରିବା ପରେ ଘରଲୋକେ ଏହା ନକଲି ନୋଟ ବୋଲି ଜାଣିବାକୁ ପାଇଥିଲେ। ତେବେ ସେ ଏ ନେଇ ପୋଲିସ ନିକଟରେ ଅଭିଯୋଗ କରି ନଥିବା ଜଣାପଡ଼ିଛି।

### ମହାପ୍ରଭୁଙ୍କର ହେଲା ବନକଲାଗି

**ପୁରୀ, ୨୯ା୧୧(ଅଜିତ୍ ମହାନ୍ତି)**

ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ଏହି ନୀତି ଅନୁଷ୍ଠିତ ହୋଇଥିଲା। ଦତ୍ତ ମହାପାତ୍ର ସେବକମାନେ ସନ୍ଧ୍ୟା ୬ଟା ୨୫ରେ ଶ୍ରୀମନ୍ଦିରରେ ପ୍ରବେଶ କରି ରତ୍ନସିଂହାସନ ଉପରକୁ ଉଠି ଠାକୁରମାନଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ସେମାନେ ରାତ୍ର ୯ଟାରେ ନୀତି ସାରି ଶ୍ରୀମନ୍ଦିରରୁ ବାହାରିଥିଲେ। ଏହି ଗୁପ୍ତନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା।

# ସମାଜ ପାଇଁ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଅପରିହାର୍ଯ୍ୟ

**ଖୋର୍ଦ୍ଧା,୨୯ା୧୧(ପ୍ରଭାତ ପାଣିଗ୍ରାହୀ)**



କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ଅନ୍ୟ ଅତିଥିମାନେ।

**ଖୋର୍ଦ୍ଧା ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ**

ରାଜ୍ୟ ଶିକ୍ଷା ଗବେଷଣା ଓ ତାଲିମ ପ୍ରତିଷ୍ଠାନ ନିର୍ଦ୍ଦେଶ କ୍ରମେ ମଣ୍ଡଳୀ ସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ, ସ୍ୱାସ୍ଥ୍ୟ, ଯୋଗାଯୋଗ ଓ ବୈଜ୍ଞାନିକ ଭାବନା ସମ୍ବନ୍ଧୀୟ ପ୍ରଦର୍ଶନୀ ଖୋର୍ଦ୍ଧାସ୍ଥିତ ବକ୍ସି ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଓ ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷ ଡା. ତାପସ କୁମାର ନାୟକ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ବିଜେବି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ, ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ କୃଷ୍ଣଚନ୍ଦ୍ର ବେହେରା, ବିଜ୍ଞାପନ ଶିକ୍ଷା ଗବେଷଣା ପରିଷଦ ସଭାପତି ନିରଞ୍ଜନ ସାହୁ, ବିଜ୍ଞାନ ଶିକ୍ଷା ଓ ପରିଷଦ ସମ୍ପାଦକ ବିଭୁପ୍ରସାଦ ସେନାପତି ପ୍ରମୁଖ ଯୋଗଦେଇଥିଲେ। ସମାଜ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଅପରିହାର୍ଯ୍ୟ ବୋଲି ଅତିଥିମାନେ କହିଥିଲେ। ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଅଧ୍ୟାପକ ଦିଲ୍ଲୀପ କୁମାର ବେହେରା, ଶିକ୍ଷା ପ୍ରଶିକ୍ଷକ ମୋନାଲିସା ପଣ୍ଡା, ବୀଣାପାଣି ପାଢୀ ପ୍ରମୁଖ ବିଚାରକ ମଣ୍ଡଳୀ ୧୩୦ଟି ପ୍ରକଳ୍ପ ମଧ୍ୟରୁ ୫ଟିକୁ ଜିଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀକୁ ଉନ୍ନୀତ କରାଇଥିଲେ। ସ୍ୱାସ୍ଥ୍ୟରେ ଖୋର୍ଦ୍ଧା ଏସ୍‌ଡିଏର କେଶବ ଚନ୍ଦ୍ର ରାଉତ, ଏସ.ଏସ.ଦେବ୍ ବିଦ୍ୟାପୀଠର ଆଦ୍ୟାଶା ପ୍ରିୟଦର୍ଶିନୀ, ଅଣ୍ଡା ଓ କୃଷିରେ ଓଏଭି ଶିଆଳିଆର ସିୟାଂଶୁ ରାଜ, କମ୍ୟୁନିକେଶନ ଓ ଟ୍ରାନ୍ସପୋର୍ଟରେ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟ ଗୋଳବାଇର ବିଶ୍ୱବନ୍ଦିତା ରାଉତ ବ୍ରହ୍ମା, କମ୍ପ୍ୟୁଟେସନାଲ ଥିଙ୍କରେ ଖୋର୍ଦ୍ଧା ବିଜେବି ସରକାରୀ ଉଚ୍ଚ ବିଦ୍ୟାଳୟର ସଂଗ୍ରାମ ସାମନ୍ତରାୟ ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନସିଂହ, ମୁଖ୍ୟବକ୍ତା ଭାବେ ନାଇଜର ବୈଜ୍ଞାନିକ ପ୍ରଫେସର ଶୁଭଙ୍କର ବେଦାନ୍ତ, ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇ ବାଳିକାମାନଙ୍କୁ ବୈଜ୍ଞାନିକ ହେବା ପାଇଁ ଉତ୍ସାହିତ କରିଥିଲେ। ସହ ଶିକ୍ଷା ଗୋଷ୍ଠୀ ଅଧିକାରୀ ସ୍ୱର୍ଣ୍ଣଲତା ସାମନ୍ତରାୟ, ସନ୍ଧ୍ୟାବତୀ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ସିକୋରେ ବଞ୍ଚିଛି ପୁରାତନ ସଂସ୍କୃତି, ପରମ୍ପରା

**ବେଗୁନିଆ,୨୯ା୧୧(ହରପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ଅଧୀନ ସିକୋ ଗ୍ରାମରେ ତୈଳିକ ବୈଶ୍ୟ ସାଧବ ସମାଜ ପକ୍ଷରୁ ସାଧବ ଗୃହଠାରେ ବୋଇତ ବନ୍ଦାଣ ମହୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବ ସାତ ଭାଇ, ସାତ ବୋହୂ ଓ ତଅପୋଇଙ୍କ ଦ୍ୱାରା ସମ୍ପାଦନ ହୋଇଥିଲା। ବଡ଼ ଭାଇ ଭାବେ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ସହିତ ସୁଶାନ୍ତ ସାହୁ, ସନ୍ତୋଷ ସାହୁ, ଟଙ୍କଧର ମହାପାତ୍ର, ପ୍ରଶାନ୍ତ ସାହୁ, ସ୍ମୃତି ରଞ୍ଜନ ସାହୁ, ପଦ୍ମଲୋଚନ ସାହୁ ଓ ବୋହୂ ଭାବରେ ସଂଯୁକ୍ତା ସାହୁ, ରିତାରାଣୀ ସାହୁ, ରୋଜଲିନ୍ ସାହୁ, ସୋନାଲି ସାହୁ, ଯଶସ୍ୱିନୀ ସାହୁ, ସୁଦୀପ୍ତା ସାହୁ, ଜ୍ୟୋସ୍ନାରାଣୀ ସାହୁ ଏବଂ ତପୋଇ ଭାବେ ଶୁଭସ୍ମିତା ସାହୁ ଅଭିନୟ କରିଥିଲେ। ସୁସଜ୍ଜିତ ବୋଇତକୁ ୩ ହଜାରରୁ ଅଧିକ ଗ୍ରାମବାସୀ ଓ ଅତିଥି ଶୋଭାଯାତ୍ରା ମାଧ୍ୟମରେ ନେଇ ଗ୍ରାମର ନୂଆ ପୋଖରୀଠାରେ ପହଞ୍ଚିବା ପରେ ଓଡ଼ିଆ ରୀତିନୀତିରେ ବୋଇତ ବନ୍ଦାଣ କରାଯାଇଥିଲା। ଗାଁରେ ବଞ୍ଚିଛି ଅନେକ ସଂସ୍କୃତି ଓ ପରମ୍ପରା ବୋଲି ବିଧାୟକ ସାହୁ କହିଥିଲେ। ସାଧବ ସମାଜର ସଭାପତି କୈଳାଶ ଚନ୍ଦ୍ର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଭକ୍ତି ଭୂଷଣ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ବିଚିତ୍ରାନନ୍ଦ ସୁବୁଦ୍ଧି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ବ୍ରଜବନ୍ଧୁ ସୁବୁଦ୍ଧି ଉପସ୍ଥିତ ଥିଲେ। ବିଧାୟକଙ୍କ ଦ୍ୱାରା ଅନୁମୋଦିତ ସାଧବ ମାର୍କେଟ କମ୍ପ୍ଲେକ୍ସ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ତୁରନ୍ତ କାର୍ଯ୍ୟ ଆରମ୍ଭ ଏବଂ ଏକ ନଳକୂପ ଖନନ କରିବାର ପ୍ରତିଶ୍ରୁତି ଦେଇଥିଲେ। ଅନୁଷ୍ଠାନର ବର୍ଷେ ତଳେ ଆରମ୍ଭ କରିଥିବା ଅସହାୟ ଓ ଶିକ୍ଷା ପାଣ୍ଠିରୁ ୫ ଜଣ ମେଧାବୀ ବିଦ୍ୟାର୍ଥୀଙ୍କୁ ବ୍ୟାଗ ସହିତ ଅନେକ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ। ପୂର୍ବତନ ସରପଞ୍ଚ ସୁରେଶ ସାହୁ ଧନ୍ୟବାଦ ଦେଇଥିଲେ।



ବେଗୁନିଆ ମହାବିଦ୍ୟାଳୟ ପରିସରରେ ବୁଧବାର ଆୟୋଜିତ ସମନ୍ୱିତ ଯୁବ ବିକାଶ ସମାରୋହରେ ଅତିଥିଙ୍କ ସହ ଛାତ୍ରମାନେ।

# ଦର୍ଶକଙ୍କୁ ବିଭୋରକଲା ଶଙ୍ଖଧ୍ୱନି

**ବେଗୁନିଆ,୨୯ା୧୧(ହରପ୍ରସନ୍ନ ପଣ୍ଡା)**

**ବେଗୁନିଆ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ ସମାରୋହ**

ବେଗୁନିଆ ମହାବିଦ୍ୟାଳୟ ପରିସରରେ ବୁଧବାର ସମନ୍ୱିତ ଯୁବ ବିକାଶ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି କୈଳାଶ ଚନ୍ଦ୍ର ମିଶ୍ର ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅଧକ୍ଷା ଡ. ସବିତାଞ୍ଜଳି ସେନାପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧାପକ ତଥା ବିଭାଗୀୟ ମୁଖ୍ୟ ଜୟକୃଷ୍ଣ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ହୋଇଥିଲା। ରଙ୍ଗୋଲି, ଶଙ୍ଖ ଧ୍ୱନି, ହୁଳହୁଳି, କାନ୍ଦଣା, ଚିତ୍ରାଙ୍କନ, ଗଳ୍ପ, କଥା ଆଦି ପ୍ରତିଯୋଗିତା ହୋଇଥିଲା। ସ୍ମୃତିମୟୀ ବସନ୍ତିଆ, ପ୍ରିୟମ୍ବଦା ବେହେରା, ଦିବ୍ୟଜ୍ୟୋତି ରାୟ, ଆଦିତ୍ୟ ସେନାପତି ଓ ସଂଗ୍ରାମ କେଶରୀ ଜୟସିଂ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ଅଧାପକ ଡ. ସତ୍ୟଜିତ୍ ଦାସ, ବିରଞ୍ଚି ପ୍ରସାଦ ସାହୁ, ଶୁଭେନ୍ଦୁ ପଟ୍ଟନାୟକ, ନବକିଶୋର ବିଷୋୟୀ, ଉମେଶ ମହନ୍ତ, ଅଧାପିକା ଆରାଧନା ମହାପାତ୍ର, ଦେବଯାନୀ ପାଇକରାୟ ଓ ସମିତାରାଣୀ ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ସାଂସ୍କୃତିକ ସଦସ୍ୟ ଠାକୁର ପ୍ରସାଦ ସାହୁ, ରାଜେଶ ସାହୁ, ସୁଶ୍ରୀ ସୋନମ ମହାନ୍ତି ଓ ଉତ୍କଳିକା ସାହୁ ପ୍ରମୁଖ ପରିଚାଳନା କରିଥିଲେ। ତେବେ ସମସ୍ତ ଇଭେଣ୍ଟ ମଧ୍ୟରେ ଶଙ୍ଖ ଧ୍ୱନି ଦର୍ଶକଙ୍କୁ ବିଭୋର କରିଥିଲା।

### ଛାଡ଼ଖାଇରେ ଜମିଲା ଆମିଷ ବେପାର

**ଖୋର୍ଦ୍ଧା,୨୯ା୧୧(ପ୍ରଭାତ ପାଣିଗ୍ରାହୀ)**

ଦିନକ ପରେ ବୁଧବାର ଛାଡ଼ଖାଇ ପାଳିଲେ ଲୋକେ। ଖୋର୍ଦ୍ଧା ସହରର ଆମିଷ ଦୋକାନରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଆମିଷ ପୂର୍ବାପେକ୍ଷା ଅଧିକ ଦାମରେ ବିକ୍ରୟ ହୋଇଥିଲା। ପ୍ରକାଶ ଥାଉକି, ପବିତ୍ର କାର୍ତ୍ତିକ ମାସ ସରିଯିବା ପରେ ମଙ୍ଗଳବାର ଛାଡ଼ଖାଇ ପଡ଼ିଥିଲା। ମାତ୍ର ଅଧିକାଂଶ ଲୋକେ ବୁଧବାର ଛାଡ଼ଖାଇ ପାଳିଛନ୍ତି। ଖୋର୍ଦ୍ଧା ସହରର ହାବେଳି ମାଛ ମାର୍କେଟ, ନବୀନାବାଗ ଛକ ମାଛ ମାର୍କେଟ, ପୁରୁଣା ମାଛ ମାର୍କେଟ, ଫାର୍ମ ଛକ, ମୁକୁନ୍ଦପ୍ରସାଦ, ପଳା, ଗୁରୁଜଙ୍ଗ, ତରତୁଆ ଶରଧାରପୁର, ତୋଟାପଡା ଛକରେ ଥିବା ବିଭିନ୍ନ ମାଛ ଦୋକାନରେ ପ୍ରବଳ ଭିଡ଼ ହୋଇଥିଲା। ସେହିପରି ରାସ୍ତା କଡରେ ଥିବା ମଟନ, ଚିକେନ ଦୋକାନରେ ମଧ୍ୟ ଗହଳି ଲାଗିଥିଲା। ମଟନ କେଜି ପ୍ରତି ୭୫୦, ଚିକେନ ୨୬୦, ରୋହି ୨୦୦, ଭାକୁର ୨୫୦, ମିଞ୍ଜିଆ, ପୋହଳା, ୨୦୦ରୁ ୨୪୦, ବଡ ଚିଙ୍ଗୁଡି ୪୫୦ରୁ ୬୦୦ ଟଙ୍କାରେ ବିକ୍ରି ହୋଇଥିଲା। କଙ୍କଡ଼ା ବିକ୍ରି ମଧ୍ୟ ଆଶାଜନକ ରହିଥିଲା।

# ଯୁକ୍ତ୨ ପରୀକ୍ଷା କେନ୍ଦ୍ରର ଲାଇଭ୍ ଷ୍ଟ୍ରିମିଂ ହେବ



**ଭୁବନେଶ୍ୱର,୨୯ା୧୧(ଅନୁରାଧା ମହାରଣା)**

ରାଜ୍ୟର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ବାର୍ଷିକ ପରୀକ୍ଷାକୁ ସ୍ୱଚ୍ଛ କରିବା ପାଇଁ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସମସ୍ତ ପରୀକ୍ଷାକେନ୍ଦ୍ର ଓ ଷ୍ଟ୍ରଙ୍ଗ୍‌ରୁମ୍‌ରେ ସିସିଟିଭି ଲାଗିଛି କି ନାହିଁ ଏବଂ ଲାଗିଥିଲେ ଠିକ୍ ଭାବେ କାର୍ଯ୍ୟ କରୁଛି କି ନାହିଁ, ତାହାର ତର୍ଜମା କରିବାକୁ ସମସ୍ତ ଜୁନିଅର କଲେଜ ଅଧକ୍ଷଙ୍କୁ ପରିଷଦ ପକ୍ଷରୁ ଚିଠି ଲେଖାଯାଇଛି। ପରୀକ୍ଷା ହେବାକୁ ଥିବା ସମସ୍ତ ସେଣ୍ଟରର ସୁପରିଣ୍ଟେଣ୍ଡେଣ୍ଟ ଅଫିସ୍ ଓ ଲାବରେଟୋରିରେ ମଧ୍ୟ ସିସିଟିଭି ଲଗାଯିବ। ଏହାବ୍ୟତୀତ ପରୀକ୍ଷା କେନ୍ଦ୍ରଗୁଡ଼ିକର ଲାଇଭ୍ ଷ୍ଟ୍ରିମିଂ ମଧ୍ୟ କରାଯିବ। ତେବେ ୧୫ ଡିସେମ୍ବର ପୂର୍ବରୁ ଏନେଇ ସମସ୍ତ ବ୍ୟବସ୍ଥା କରାଯିବାକୁ ଚିଠିରେ ଉଲ୍ଲେଖ ରହିଛି। ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବା ପୂର୍ବରୁ କ୍ୟାମେରାଗୁଡ଼ିକ ଯାଞ୍ଚ କରାଯିବ। ତେବେ ପରୀକ୍ଷା ପରିଚାଳନା ହବ୍ ଘୋଷଣା କରାଯାଇଥିବା ଶିକ୍ଷାନୁଷ୍ଠାନ ଏବଂ ନୂତନ ଭାବେ ପରୀକ୍ଷାକେନ୍ଦ୍ର ପାଇଁ ଆବେଦନ କରିଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ଡିଭିଆର୍/ଏନ୍‌ଭିଆର୍/ ଇନଷ୍ଟଲ କ୍ଲାଉଡ୍, ଇଣ୍ଟରନେଟ୍ ସଂଯୋଗ, ଷ୍ଟାଟିକ୍ ଆଇପି ଆଡ୍ରେସ୍, କ୍ୟାମେରା ଆଦି ଉପଲବ୍ଧ ରଖିବା ପାଇଁ ନିର୍ଦ୍ଦେଶ ରହିଛି। ଏପରିକି ଉକ୍ତ ଜୁନିଅର କଲେଜଗୁଡ଼ିକ ଏନେଇ ସମସ୍ତ ତଥ୍ୟ ୧୫ ତାରିଖ ପୂର୍ବରୁ ସାମସ୍ ଇ-ସ୍ପେସ୍‌ରେ ଦାଖଲ କରିବେ। ଏଥିରେ ଖିଲାପ କଲେ ସଂପୃକ୍ତ ଶିକ୍ଷାନୁଷ୍ଠାନ ବିରୋଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠିରେ ସ୍ପଷ୍ଟ କରାଯାଇଛି।

# ଜିଲାସ୍ତରକୁ ୫ ପ୍ରକଳ୍ପ ମନୋନୀତ

**ବେଗୁନିଆ,୨୯ା୧୧(ହରପ୍ରସନ୍ନ ପଣ୍ଡା)**


ଛାତ୍ରୀମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

ବେଗୁନିଆ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ ବାଲ୍ ବିଜ୍ଞାନ ପ୍ରଦର୍ଶନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଭାସ୍କର ଚନ୍ଦ୍ର ଲେଙ୍କା ଏଥିରେ ଅଧକ୍ଷତା କରିଥିଲେ। ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଙ୍କ ମଧ୍ୟରେ ବିଆର୍‌ସିସି ଲକ୍ଷ୍ମୀ ଦେଈ, ଏବିଇଓ ଚନ୍ଦ୍ରକାନ୍ତି ନାୟକ, କୈଳାସ ଚନ୍ଦ୍ର ସେଠୀ, ବ୍ଲକ ବିଜ୍ଞାନ ପର୍ଯ୍ୟବେକ୍ଷକ ଗଣେଶ୍ୱର ମିଶ୍ର, ଶିକ୍ଷକ ସଂଘ ସଭାପତି ରବୀନ୍ଦ୍ର ନାଥ ମହାପାତ୍ର ଓ ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶାନ୍ତନୁ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। ସମାରୋହରେ ୧୧୬ ଗୋଟି ବିଭିନ୍ନ ପ୍ରକଳ୍ପ ସ୍ଥାନିତ ହୋଇଥିଲା। କୃଷି, ସାସ୍ଥ୍ୟ, ଜୀବନଶୈଳୀ, ଗମନାଗମନ, ଜଳବାୟୁ ପ୍ରଦୂଷଣ ଆଦି ପ୍ରକଳ୍ପ ବିଷୟରେ କୁନି ବୈଜ୍ଞାନିକମାନେ ବିଚାରକଙ୍କୁ ବୁଝାଇଥିଲେ। ୫ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଥିଲା। ପୁରସ୍କାର ବିତରଣ ସଭାରେ ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁ ମୁଖ୍ୟ ଅତିଥି ଏବଂ ତହସିଲଦାର ତାପସ ବିଶି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ ଚନ୍ଦ୍ର ସିଂ, ଜିଲ୍ଲା ଜୁନିୟର ରେଡ୍‌କ୍ରସ ଅଧିକାରୀ ତୋଫାନ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସମାରୋହକୁ ଶିକ୍ଷକ ଅଖିଳେଶ ମହାପାତ୍ର ସଂଯୋଜନା କରିଥିବାବେଳେ ଶିକ୍ଷକ ସୁଧାକର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ପ୍ରତିଯୋଗିତାରେ ବିତର୍କ ବିଭାଗରୁ ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ରୀ ଅନ୍ୱେଷା ତ୍ରିପାଠୀ ଏବଂ କୁଇଜରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଛାତ୍ର ସତ୍ୟବ୍ରତ ପାଣିଗ୍ରାହୀଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ବସନ୍ତ ପ୍ରହରାଜ, ସରୋଜ ବେହେରା, ଦାଶରଥୀ ପ୍ରଧାନ, ଗଣେଶ୍ୱର ସାହୁ, ସୂର୍ଯ୍ୟ ପଣ୍ଡା, ସନ୍ତୋଷ ମହାପାତ୍ର, ଦାଶରଥୀ ବେହେରା, ଶିକ୍ଷୟିତ୍ରୀ ସୁଜାତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡିର ଜନସମ୍ପର୍କ ଶୋଭାଯାତ୍ରା


ଜନସମ୍ପର୍କ ଶୋଭାଯାତ୍ରାରେ ବିଜେଡି ନେତ୍ରୀ ବାସନ୍ତୀ ମହାପାତ୍ର।

**ଟାଙ୍ଗୀ (ଖୋର୍ଦ୍ଧା), ୨୯ା୧୧(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବଡପାରୀ, ରାମଚନ୍ଦ୍ରପୁର ଓ ପାରିଓରଡ ପଞ୍ଚାୟତରେ ବିଜୁ ଜନତା ଦଳ ଉପସଭାପତି ବାସନ୍ତୀ ମହାପାତ୍ରଙ୍କ ନେତୃତ୍ୱରେ ଜନ ସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ବାଇକ୍ ଶୋଭାଯାତ୍ରା ବଡପାରୀ ଗ୍ରାମରୁ ବାହାରି ବଡପାରୀ, ରାମଚନ୍ଦ୍ରପୁର ଓ ପାରିଓରଡ ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ରାଜ୍ୟ ସରକାରଙ୍କ ସଫଳତାକୁ ପାଥେୟ କରି ଆଗାମୀ ନିର୍ବାଚନରେ ଦଳକୁ ଅଧିକ ସଶକ୍ତ କରିବା ପାଇଁ ମହାପାତ୍ର ଉପସ୍ଥିତ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ନିର୍ବାଚିତ ପ୍ରତିନିଧି, ମହିଳା, ଯୁବକ, ଛାତ୍ର ସାମିଲ ହୋଇଥିଲେ।

# ସାମୁଦ୍ରିକ କଇଁଛ ସୁରକ୍ଷା ପ୍ରଶିକ୍ଷଣ କର୍ମଶାଳା



**କୃଷ୍ଣପ୍ରସାଦ,୨୯ା୧୧(କୈଳାଶ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଚିଲିକା ନୂଆପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ସଭାଗୃହ ପରିସରରେ ସାମୁଦ୍ରିକ କଇଁଛ ସୁରକ୍ଷା କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ବାଲୁଗାଁ ଅମ୍ଳାନ ନାୟକ ଅଧକ୍ଷତା କରିଥିଲେ। ନୂଆପଡ଼ା ବନାଞ୍ଚଳ ଅଧିକାରୀ କାଶୀନାଥ ହେମ୍ବ୍ରମଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ସହକାରୀ ବନ ସଂରକ୍ଷକ ଶତାବ୍ଦୀ ମିଶ୍ର, ସହକାରୀ ବନ ସଂରକ୍ଷକ ପ୍ରମୋଦ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବନରକ୍ଷୀ ସୁନୀଲ ଲେଙ୍କା ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ବୈଠକରେ ଚିଲିକା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ରଶ୍ମିତା ଜେନା, ରମ୍ଭା ରେଞ୍ଜର ନୃସିଂହ ଚରଣ ବେହେରାଙ୍କ ସମେତ ସମସ୍ତ ବନପାଳ, ବନରକ୍ଷୀ ଓ ସୁରକ୍ଷା କର୍ମୀ ଯୋଗଦେଇଥିଲେ। ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ଓ ଯତ୍ନ ସମ୍ପର୍କରେ ଡ. ଶି ପ୍ରସାଦ ପରିଡ଼ା, ଡ. ଅନୀଲ ମହାପାତ୍ର, ସୁଦୀପ୍ତ ବେହେରା, ପରିବେଶବିତ୍ ଧନେଶ୍ୱର ବିଧାର, ପକ୍ଷୀ ବିଶାରଦ ହୃଦାନନ୍ଦ ଜେନା, ବନ୍ୟ ପ୍ରାଣୀ ତତ୍ତ୍ୱାବଧାରକ ରବୀନ୍ଦ୍ର ନାଥ ସାହୁ ପ୍ରମୁଖ ଯୋଗ ଦେଇ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଚିଲିକା ନୂଆପଡ଼ା ବନପାଳ ବିଶନାଥ ଟୁଡୁ, ବନରକ୍ଷୀ ତ୍ରିଲୋଚନ ମହାରଣା, ଅରୁନ୍ଧତୀ ପୋଟା, ଆଲୋକ ଖୁଣ୍ଟିଆ, ବୁଦ୍ଧିମାନ ଜେନା ପ୍ରମୁଖ କର୍ମଶାଳା ଆୟୋଜନରେ ସହଯୋଗ କରିଥିଲେ।

# ଆଜି ବି ବଞ୍ଚିଛି ଯୋଗୀ ପରମ୍ପରା

**କଳାପଥର,୨୯ା୧୧(ଗଙ୍ଗାଧର ସାହୁ)**



ସଂସ୍କୃତି ଓ ପରମ୍ପରାରେ ଉଜ୍ଜୀବିତ ଓଡ଼ିଶା ସଭ୍ୟତା ବିଶ୍ୱରେ ଏକ ଅଦ୍ୱିତୀୟ ସ୍ଥାନ ଗ୍ରହଣ କରିଛି। କର୍ମମୟ ଜୀବନରେ ବିରତି ଟିକେ ନେଇ ଜଳମୟ ଜୀବନକୁ ସୁଖ ଓ ଶାନ୍ତିରେ କାଟିବାକୁ ଯେଉଁମାନେ ସମାଜରେ ବାର୍ତ୍ତା ଯୋଗାଇ ଆସୁଥିଲେ ଓ ଧାର୍ମିକ ଜୀବନ ସହିତ ବଞ୍ଚିବାର ପ୍ରେରଣା ଦେଉଥିଲେ ସେମାନେ ହେଉଛନ୍ତି ଓଡ଼ିଶାର ଯୋଗୀ ସମ୍ପ୍ରଦାୟର। ଦ୍ୱାର ଦ୍ୱାର ବୁଲି ବଞ୍ଚିବା ପାଇଁ ଆବଶ୍ୟକ ଖାଦ୍ୟ ଯୋଗାଡ କରିବାକୁ ବେହେଲା ବଜାଇ ମନଛୁଆଁ ଚଉତିଶାଠାରୁ ଟିକା ଗୋବିନ୍ଦଚନ୍ଦ୍ରଙ୍କର ଗୀତି କଥା ଗାୟନ କରି ସେମାନେ ପ୍ରେରଣା ଯୋଗାଇ ଆସୁଥିଲେ। ସେହିଭଳି କିଛି ଯୋଗୀ ସମ୍ପ୍ରଦାୟର ବ୍ୟକ୍ତି ବାଙ୍କୀ ରଗଡି, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁରରେ ବସବାସ କରନ୍ତି। ଯେଉଁ କଥାକୁ ଆମେ ସାମାଜିକ ଗଣମାଧ୍ୟମରେ ପ୍ରଚାର କରୁଛୁ, ଯୋଗୀମାନେ ତାହା ଦ୍ୱାରଦ୍ୱାର ବୁଲି ଲୋକଙ୍କୁ ସଚେତନ କରିଆସୁଥିଲେ। ସମାଜରେ ଯୁବ ଗୋଷ୍ଠୀ ଉଚ୍ଚ ଶିକ୍ଷିତ ହେଲା ପରେ ଏହି ପରମ୍ପରାକୁ ଆଦରି ବଞ୍ଚିବାର ନିଶା ରଖିନାହାନ୍ତି। କିନ୍ତୁ ଓଡ଼ିଆ ଜାତି-ଧର୍ମକୁ ଭିତ୍ତିକରି ଜୀବନ ବିତାଉଥିଲାବେଳେ ପିଲାଙ୍କ ମଙ୍ଗଳାର୍ଥେ ଯୋଗୀ କରିବାକୁ ମା'ମାନେ ମାନସିକ କରିଥାନ୍ତି। ସେହିପରି କଳାପଥ ଅଞ୍ଚଳରେ ମଝିରେ ମଝିରେ ଯୋଗୀମାନଙ୍କ ବୃତିଗତ ଘଟଣାମାନ ଦେଖିବାକୁ ମିଳେ। ନିକଟରେ ଖଜୁରୀପଦା ଗ୍ରାମ ନୂଆସାହିର ପ୍ରେମାନନ୍ଦ ମହାପାତ୍ରଙ୍କ ପୁଅ ଯୋଗୀବେଶ ସାଜି ନିଜ ଅଞ୍ଚଳରେ ଭିକ୍ଷାବୃତ୍ତି କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଯାହା ଅନ୍ୟମାନଙ୍କୁ ପ୍ରେରଣା ଦେଇପାରିବ।

**ସଂକ୍ଷେପରେ**

## ରେଲୱେ କ୍ରସିଂ ଫାଟକ ଭାଙ୍ଗିପଡ଼ିଲା

**୩୦ ମିନିଟ୍ ଟ୍ରେନ୍ ଚଳାଚଳ ବ୍ୟାହତ**



ଭାଙ୍ଗିପଡ଼ିଥିବା ଗେଟ୍ ଅଧାରେ ଅଟକି ରହିଛି।

ସାକ୍ଷୀଗୋପାଳ, ୨୯।୧୧(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଚନ୍ଦ୍ରକୋଟ ଛକ ନିକଟରେ ବୁଧବାର ରେଲୱେ କ୍ରସିଂର ଏକ ଫାଟକ ଭାଙ୍ଗିପଡ଼ିଥିଲା। ଫଳରେ ରେଳଫାଟକ ବନ୍ଦ ହୋଇ ପାରି ନ ଥିଲା ଓ କମ୍ପ୍ୟୁଟର ସିଗ୍‌ନାଲ ବ୍ୟବସ୍ଥା ଅଚଳ ହୋଇଯାଇଥିଲା। ଉଭୟ ପଟୁ ଆସୁଥିବା ଟ୍ରେନ୍ ପ୍ରାୟ ୩୦ ମିନିଟ ପର୍ଯ୍ୟନ୍ତ ଅଟକି ରହିଥିଲା। ମାନୁଆଲ ବ୍ୟବସ୍ଥାରେ ସିଗ୍‌ନାଲ ବ୍ୟବସ୍ଥା ହେବା ପରେ ପୁଣି ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଥିଲା। ଏହି ସମସ୍ୟା ଯୋଗୁ ପଟ୍ଟନାୟିକିଆ-ଡେଲାଙ୍ଗ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହାନ ଅଟକି ରହିଥିଲା। ଭାଙ୍ଗିଯାଇଥିବା ଫାଟକ ମରାମତି କରାଯିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ସାଇ କଳା ସଂସଦ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ

ପୁରୁଣା ଭୁବନେଶ୍ୱର, ୨୯।୧୧ (ସୁବାସ କୁମାର ପ୍ରଧାନ)

ଭୁବନେଶ୍ୱର ୫୪ ନମ୍ବର ୱାର୍ଡ଼ ପୁରୁଣା ଭୁବନେଶ୍ୱର ଠାରେ ସାଇ କଳା ସଂସଦ ଓ ମା ମଙ୍ଗଳା ଯୁବକ ସଂଘ ଦ୍ୱାରା କାର୍ତ୍ତିକ ପୂର୍ଣ୍ଣିମା ବୋଇତ ବନ୍ଦାଣ ଉତ୍ସବ ଗତ ୨୭ ତାରିଖ ସନ୍ଧ୍ୟାରେ ପାଳିତ ହୋଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଏହାସହ ୫୪ ନମ୍ବର ୱର୍ଡର ଶିବ ପ୍ରସାଦ ବେହେରା, ଦାଣ୍ଡିମାଳ ସେବକ ସଙ୍ଘର ସଭାପତି ପ୍ରକାଶ କୁମାର ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଭଦ୍ରକ ମୋଗଲ ତାମସା ନିର୍ଦ୍ଦେଶକ ଗୁରୁ ସୁବାଷ ଚନ୍ଦ୍ର ମଲିକଙ୍କୁ ଏହି ଅବସରରେ କଳା ସମ୍ମାନ ପ୍ରଦାନ କରାଯାଇଥିଲା।

# ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀର ଶୁଭାରମ୍ଭ

ଭୁବନେଶ୍ୱର,୨୯।୧୧(ବନ୍ଦନା ସେଠୀ)

ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟରେ ଚିତ୍ରକଳାର ପ୍ରଚାରପ୍ରସାର ନିମନ୍ତେ ଏକାଡେମୀ ଦ୍ୱାରା ସଂଗୃହୀତ ଚିତ୍ରକଳାଗୁଡ଼ିକୁ ନେଇ ଭ୍ରାମ୍ୟମାଣ ପ୍ରଦର୍ଶନୀ ଆରମ୍ଭ ହୋଇଛି। ବୁଧବାର ସଂସ୍କୃତି ଭବନ ପରିସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ବିଭାଗର କମିଶନର ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ୍ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରଦର୍ଶନୀ ଡିସେମ୍ବର ୧ରୁ ୩୦ ପର୍ଯ୍ୟନ୍ତ ଓଡ଼ିଶାର ପ୍ରତ୍ୟେକ ଜିଲାର ସଦର ମହକୁମା ବା ପ୍ରମୁଖ ସହରରେ ଆୟୋଜନ କରାଯିବ। ଏହି ଅବସରରେ କଳାକୃତିଗୁଡ଼ିକୁ ନେଇ ୩ଟି ସୁସଜ୍ଜିତ ଗାଡି ସଂସ୍କୃତି ଭବନ ପରିସରରୁ ବିଭିନ୍ନ ଜିଲା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ଓଡ଼ିଶାର ଖ୍ୟାତନାମା ଶିଳ୍ପୀମାନଙ୍କର କଳାକୃତି ରାଜ୍ୟର ଜନସାଧାରଣ ତଥା ଶିଳ୍ପୀମାନେ ଦେଖିବାର ସୁଯୋଗ ପାଇବେ। ଓଡ଼ିଶାର ସବୁ ଜିଲାରେ ଚିତ୍ରକଳାର ଅଧିକ ପ୍ରଚାର ଓ ପ୍ରସାର ହେବା ଲକ୍ଷ୍ୟ ନେଇ ଏକାଡେମୀ ତରଫରୁ ଏପରି ପ୍ରୟାସ କରାଯାଉଛି। ବିଶିଷ୍ଟ ଓଡ଼ିଆ ଚିତ୍ରଶିଳ୍ପୀଙ୍କ ୧୨୦ କଳାକୃତି ଏଥିରେ ସ୍ଥାନ ପାଇଛି। ପ୍ରଦର୍ଶନୀରେ ଦିବଙ୍ଗତ ଓ ବରିଷ୍ଠ ଚିତ୍ରଶିଳ୍ପୀ ବିଦ୍ୟାଧର



ସଂସ୍କୃତି ଭବନ ପରିସରରେ ବୁଧବାର ଡ଼ିଶା ଲଳିତ କଳା ଏକାଡେମୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ ଗାଡ଼ିକୁ ବିଭାଗୀୟ ସଚିବ ସୁଜାତା ରାଉତ କାର୍ତ୍ତିକେୟନଙ୍କ ସହ ଅନ୍ୟ ଅତିଥିମାନେ ପତାକା ଦେଖାଉ ଉଦ୍‌ଘାଟନ କରୁଛନ୍ତି।

**ଚିତ୍ରକଳାର ପ୍ରଚାର ପ୍ରସାର ପାଇଁ ଅଭିନବ ପ୍ରୟାସ**

**■ ୧୨୦ଜଣ ଚିତ୍ରଶିଳ୍ପୀଙ୍କ କଳାକୃତି ଦେଖିବ ରାଜ୍ୟ**

ବର୍ମା, ମୁରଲୀଧର ଟାଲି, ଗୋକୁଳ ବିହାରୀ ପଟ୍ଟନାୟକ, ନିତ୍ୟାନନ୍ଦ ମହାପାତ୍ର, ଅସିତ ମୁଖାର୍ଜୀ, ବନବିହାରୀ ପରିଡ଼ା, ହରିଶଚନ୍ଦ୍ର ସିହ୍ନାବାବୁ, ଲଲାଟ ମୋହନ ପଟ୍ଟନାୟକ, ଲକ୍ଷ୍ମୀଧର ଦାସ, ଶିବ ପାଣିଗ୍ରାହୀ, ବିନୋଦ ରାଉତରାୟ, ଚନ୍ଦ୍ରଶେଖର ରାଓ, ଡି. ଏନ. ରାଓ, ଦିନାନାଥ ପାଠୀ, ବରିଷ୍ଠ ଚିତ୍ରଶିଳ୍ପୀ ପଦ୍ମନାଭ ବେହେରା ପ୍ରମୁଖଙ୍କ ସହ ବହୁ ଯୁବ ଚିତ୍ରଶିଳ୍ପୀଙ୍କ ଚିତ୍ରକଳା ଦେଖିବେ ରାଜ୍ୟବାସୀ। ଏହା ପ୍ରତି ଜିଲାରେ ୩ଦିନ ଧରି ପ୍ରଦର୍ଶିତ ହେବ। ଏହାକୁ ସାଧାରଣ ଜନତା, ଶିଳ୍ପୀ, ସ୍କୁଲ ଓ କଲେଜର ଛାତ୍ରୀଛାତ୍ରବୃନ୍ଦ ଦେଖିବାର ସୁଯୋଗ ପାଇପାରିବେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଏକାଡେମୀ ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାସ, ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଆଚାର୍ଯ୍ୟ, ଏକାଡେମୀର ସଚିବ ଡ. ପଞ୍ଚାନନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଘରୁ ଟଙ୍କା ନେଇଗଲେ ଘରବାଲି

ଭୁବନେଶ୍ୱର,୨୯।୧୧(ସତ୍ୟଜିତ୍ ରାଉତ)

**ସିସିଟିଭି ଫୁଟେଜ୍ ଭାଇରାଲ୍**



ଭୁବନେଶ୍ୱର ଲକ୍ଷ୍ମୀସାଗାର ଥାନା ଅନ୍ତର୍ଗତ ଝାରପଡ଼ା ଜଗନ୍ନାଥନଗରରେ ଜଣଙ୍କ ଘରୁ କାମବାଲି ଟଙ୍କା ଚୋରି କରିଛନ୍ତି। ମହିଳା ଜଣକ ମାଲିକଙ୍କ ବେଡ୍‌ରୁମ୍‌ରେ ଥିବା ଆଲ୍‌ମିଲାରର ଲକର୍ ଖୋଲି ଟଙ୍କା ଚୋରି କରୁଥିବାର ସିସିଟିଭି ଫୁଟେଜ୍ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି। ଗତ ରବିବାର ଏହି ଘଟଣା ଘଟିଥିବାବେଳେ ଚୋରି ଟଙ୍କାର ପରିମାଣ ୧୦ ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ତେବେ ଏହି ଘଟଣା ସଂକ୍ରାନ୍ତରେ ଲକ୍ଷ୍ମୀସାଗର ଥାନାରେ ଘର ମାଲିକଙ୍କ ପକ୍ଷରୁ ଏତଲା ଦିଆଯାଇ ନ ଥିବା ଥାନାଧିକାରୀ ଏଲ୍. ଶ୍ୟାମସୁନ୍ଦର ରାଓ ସୂଚନା ଦେଇଛନ୍ତି।

ମହିଳା ଜଣକ ଫେବୃୟାରୀରୁ ଉକ୍ତ ମାଲିକଙ୍କ ଘରେ କାମ କରିବା ଆରମ୍ଭ କରିଥିଲେ। ଏଥିପାଇଁ ସେ ମାସିକ ୪ ହଜାର ଟଙ୍କା ନିଅନ୍ତି। ତେବେ ଘର କାମ ପାଇଁ ମାଲିକ କିଛି ନଗଦ ଟଙ୍କା ରଖିଥିବାର ସେ ଜାଣିବାକୁ ପାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ମହିଳା ଜଣକ ଚୋରି କରିବାକୁ ଯୋଜନା କରିଥିଲେ।

## ମଳ ପରିଚାଳନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୯।୧୧ (ବନ୍ଦନା ସେଠୀ)

ସହରାଞ୍ଚଳ ନିର୍ବାଚିତ ପ୍ରତିନିଧିମାନଙ୍କୁ ପରିମଳ ଦକ୍ଷତା ବିକାଶ ଓ କୌଶଳ ବୃଦ୍ଧି ନିମନ୍ତେ ବୁଧବାର ଏକ ପ୍ରଶିକ୍ଷଣ ତଥା ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାସୁଆଘାଇସ୍ଥିତ ଓଡିଶା ଅର୍ବାନ ଏକାଡେମୀଠାରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଏମ୍‌ସିର ସମସ୍ତ କର୍ପୋରେଟର ଯୋଗ ଦେଇଥିଲେ। ଏବେ ରାଜ୍ୟର ପ୍ରତ୍ୟେକ ସହରାଞ୍ଚଳରେ ମଳ ପରିଚାଳନା ଏକ ସମସ୍ୟା ଭାବେ ଉଭା ହୋଇଛି। ମଳ ପରିଚାଳନାକୁ ସୁସଂହତ କରିବା ସହ ନାଗରିକଙ୍କୁ ସଚେତନ କରିବା, ଏବଂ ନୂତନ ଜ୍ଞାନ କୌଶଳ ପ୍ରୟୋଗ କରି ମଳପଙ୍କର ପୁନଃଚକ୍ରଣ, ପୁନଃଉଦ୍ଧାର ଓ ପୁନଃବ୍ୟବହାର(ଥ୍ରୀ ଆର ଯଥା- ରିସାଇକେଲ୍, ରିକଭର ଓ ରିୟୁଜ୍) ଉପଯୋଗୀ କରିବା ସଂପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରି ଏହା କିପରି ସମ୍ଭବ ହୋଇପାରୁଛି, ସେ ସମ୍ପର୍କରେ ନିର୍ବାଚିତ ପ୍ରତିନିଧିମାନେ କ୍ଷେତ୍ର ପରିଦର୍ଶନ କରି ଜ୍ଞାନ ଆହରଣ କରିଥିଲେ। କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ଅଧକ୍ଷତା କରିଥିଲେ। ଅନେକ ଲୋକ ସେମାନଙ୍କ ପାଇଖାନା ପାଇପକୁ ସିଧାସଳଖ ଡ୍ରେନକୁ ଛାଡି ଦେଇଛନ୍ତି। ଏହାଦ୍ୱାରା ନଦୀ ଓ ନାଳ ପାଣି ଦୂଷିତ ହେଉଛି। ସେହିପରି ମଳପଙ୍କ ପରିବହନ କରୁଥିବା ଘରୋଇ ସଂସ୍ଥାଗୁଡିକ ମଧ ଖୋଲାସ୍ଥାନରେ ପକାଇ ପରିବେଶକୁ ପ୍ରଦୂଷିତ କରୁଛନ୍ତି। ଏଣୁ ନାଗରିକମାନେ କିପରି ସେମାନଙ୍କର ପାଇଖାନା ପାଇପ ସ୍ୱରେଜ ଲାଇନ ସହ ସଂଯୋଗ କରିବେ ଏବଂ ବିଏମ୍‌ସି ମଳପଙ୍କ ପରିବହନ ଗାଡି କିମ୍ବା ବିଏମ୍‌ସିରେ ପଂଜିକୃତ ହୋଇଥିବା ଘରୋଇ ଗାଡିକୁ ମଳପଙ୍କ ପରିବହନ କରିବା ପାଇଁ ଜଣାଇବା ପାଇଁ ମେୟର ସଚେତନ କରିଥିଲେ। ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ସ୍ୱାଗତ ଭାଷଣ ଦେଇ, ମଳ ପରିଚାଳନା ନେଇ ରହିଥିବା ସରକାରଙ୍କର ବିଭିନ୍ନ ନିୟମ କାନୁନ୍ ସଂପର୍କରେ ଅବଗତ କରାଇଥିଲେ। ସହରାଞ୍ଚଳରେ ମଳ ପରିଚାଳନାକୁ ସୁସଂଗଠିତ ଓ ବିଜ୍ଞାନ ସମ୍ମତ କରିବା ଉପରେ ସରକାର ଗୁରୁତ୍ୱାରୋପ କରୁଛନ୍ତି। ତେବେ କର୍ପୋଟରମାନେ ତୃଣମୂଳସ୍ତରରୁ ଲୋକମାନଙ୍କୁ ସଚେତନ କରାଇବା ଦରକାର ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ଷ୍ଟାଣ୍ଡିଂ କମିଟି ଅଧକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ସମେତ ସମସ୍ତ କର୍ପୋରେଟର ଉପସ୍ଥିତ ଥିଲେ।



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମେୟରଙ୍କ ସହ ଜନପ୍ରତିନିଧିମାନେ।

## ବାଲିଯାତ୍ରାରେ ‘ଜୀ ସାର୍ଥକ’ କଳାକାରଙ୍କୁ ଭେଟିବେ ଦର୍ଶକ




ଭୁବନେଶ୍ୱର,୨୯।୧୧(ଅନୁରାଧା ମହାରଣା)

ବିଶ୍ୱପ୍ରସିଦ୍ଧ କଟକ ବାଲିଯାତ୍ରାରେ ଘରୋଇ ମନୋରଞ୍ଜନ ଚ୍ୟାନେଲ ‘ଜୀ ସାର୍ଥକ’ ପକ୍ଷରୁ ଏକ ଷ୍ଟଲ ଖୋଲାଯାଇଛି। ଏହି ଷ୍ଟଲରେ ଜୀ ସାର୍ଥକ ଦର୍ଶକଙ୍କ ଭରପୁର ମନୋରଞ୍ଜନ କରିବା ସହ ଛୋଟ ଛୋଟ ପ୍ରତିଯୋଗିତା ମାଧ୍ୟମରେ ଆକର୍ଷଣୀୟ ପୁରସ୍କାର ମଧ ଦେବ । ଏହି ଷ୍ଟଲରେ ଜୀ ସାର୍ଥକର ଫିଲ୍ମ ଓ ମେଗା ଧାରାବାହିକର ଲୋକପ୍ରିୟ କଳାକାରମାନେ ବାଲିଯାତ୍ରା ବୁଲିବାକୁ ଆସିଥିବା ଦର୍ଶକଙ୍କ ମନୋରଞ୍ଜନ କରିବା ସହ ସେମାନଙ୍କ ସହ ଭାବବିନିମୟ କରିବେ। ପ୍ରତିଦିନ ଜୀ ସାର୍ଥକରେ ପ୍ରସାରିତ ରିଅଲିଟି ସୋ ସାରେଗାମାପାର କଣ୍ଠଶିଳ୍ପୀମାନେ ଏହି ଠାରେ ଆୟାଜିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୀତ ଗାଇବେ ଏବଂ ଲୋକପ୍ରିୟ ଶୋ ‘ଦିଦି ନମସ୍କାର’ ଫର୍ମାଟରେ ବାଲିଯାତ୍ରାରେ ଦର୍ଶକଙ୍କ ସହ କୌତୁହଳ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ବି ରଖାଯିବ। ଦର୍ଶକ ନିଜ ପ୍ରିୟ କଳାକାରମାନଙ୍କୁ ପାଖରେ ଦେଖିପାରିବା ସହ ସେମାନଙ୍କ ସହ କଥା ମଧ ହୋଇପାରିବେ ଏବଂ ଦର୍ଶକ ଢ଼େର ସାରା ମଜା ମସ୍ତି କରିପାରିବେ । ଜୀ-ସାର୍ଥକର ଚିଫ ଚ୍ୟାନେଲ ଅଫିସର ପ୍ରତୀକ ସିଲ କହିଛନ୍ତି ଯେ, କଟକ ବାଲିଯାତ୍ରା ସାରା ବିଶ୍ୱରେ ପରିଚିତ ଓ ଜୀ-ସାର୍ଥକ ବିଭିନ୍ନ ସମୟରେ ନିଆରା କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ମାଧ୍ୟମରେ ଦର୍ଶକଙ୍କ ନିକଟତର ହେବ ପାଇଁ ତେଣୁ ଏହି ବାଲିଯାତ୍ରା ଦର୍ଶକ ଓ କଳାକାରଙ୍କୁ ମିଶିବା ପାଇଁ ଏକ ବଡ଼ ମାଧମ ହେବ। ଦର୍ଶକଙ୍କ ସହିତ ଜୀ-ସାର୍ଥକର ସମ୍ପର୍କ ଆହୁରି ମଜବୁତ ହେବ । ବାଲିଯାତ୍ରା ଏଥର ଆହୁରି ବଡ ଆକାରରେ ହେଉଥିବା ବେଳେ ‘ଜୀ ସାର୍ଥକ’ର ଏହି ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଲୋକଙ୍କୁ ଆହୁରି ଅଧିକ ନିଶ୍ଚିତ ଆକୃଷ୍ଟ କରିବ ବୋଲି ସିଲ୍ ଆଶା ରଖିଛନ୍ତି।

## ନକଲି ନୋଟ ଧରାଇ ଛେଳିନେଇ ଚମ୍ପଟ

ଖୋର୍ଦ୍ଧା,୨୯।୧୧(ପ୍ରଭାତ ପାଣିଗ୍ରାହୀ)

୯ ହଜାର ଟଙ୍କାର ନକଲି ଖେଳଣା ନୋଟ ଧରାଇ ଏକ ଛେଳି ନେଇ ଜଣେ ବ୍ୟକ୍ତି ଚମ୍ପଟ ମାରିଛନ୍ତି। ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ସିକୋ ଫାଣ୍ଡି ଅନ୍ତର୍ଗତ ହଜ ଗ୍ରାମରେ ଏଭଳି ଘଟଣା ଘଟିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ହଜ୍ ଆଦିବାସୀ ସାହିର ୭୦ ବର୍ଷୀୟ ଗରିବ ପାଣ୍ଡବ ନାୟକ ପାଳିଥିବା କେତେକ ଛେଳିକୁ ନେଇ ହଜ-ସିକୋ ରାସ୍ତାର ଟାଙ୍କୋଳ ଛକ ନିକଟ ରାସ୍ତାପାର୍ଶ୍ୱ ଜଙ୍ଗଲରେ ଚରାଉଥିଲେ। ଏତିକିବେଳେ ହଜରୁ ସିକୋ ଅଭିମୁଖେ ଏକ ନୀଳରଙ୍ଗର ବାଇକରେ ଯାଉଥିବା ଜଣେ ଅଚିହ୍ନା ବ୍ୟକ୍ତି ସେଠାରେ ଅଟକି ଗୋଠରେ ଥିବା ବଡ଼ଛେଳିକୁ ମୂଲଚାଲ କରିଥିଲେ। ଶେଷରେ ୯ହଜାର ଟଙ୍କାରେ ଛେଳିଟିକୁ ବିକ୍ରି କରାଯିବ ବୋଲି ସ୍ଥିର ହୋଇଥିଲା। ଏହି ଅଚିହ୍ନା ବ୍ୟକ୍ତିଜଣକ ପାଖରେ ରଖିଥିବା ଏକ ବଡ ବ୍ୟାଗରେ ଛେଳିଟିକୁ ଭର୍ତ୍ତିକରି ବଜାରରେ ପିଲାଙ୍କ ଖେଳଣାଭାବେ ବିକ୍ରି କରାଯାଉଥିବା ଜାଲ୍ ୯ହଜାର ଟଙ୍କା ପାଣ୍ଡବଙ୍କ ହାତରେ ଧରାଇ ସେଠାରୁ ପଳାଇଥିଲେ। ପାଣ୍ଡବ ଘରକୁ ଫେରିବା ପରେ ଏହା ନକଲି ନୋଟ ବୋଲି ଜାଣିବାକୁ ପାଇଥିଲେ।

## ଦିନକରେ ଅଢ଼େଇ କୋଟିରୁ ଊର୍ଦ୍ଧ୍ୱ ବେପାର



ଭୁବନେଶ୍ୱର, ୨୯।୧୧ (ବନ୍ଦନା ସେଠୀ)

**ବୁଧବାର ଜମିଲା ଛାଡ଼ଖାଇ**

ମଙ୍ଗଳବାର ଛାଡ଼ଖାଇ ପଡିଥିବାରୁ ଅଧିକାଂଶ ଲୋକ ବୁଧବାରକୁ ଅପେକ୍ଷା କରିଥିଲେ। ସକାଳୁ ସହରର ବିଭିନ୍ନ ମାଛ, ଚିକେନ, ମଟନ୍ ଆଦି ଆମିଷ ଦୋକାନରେ ଗ୍ରାହକଙ୍କ ଭିଡ଼ ଆରମ୍ଭ ହୋଇଥିଲା। ମାସେ ପରେ ପାଟିରେ ଆମିଷ ବାଜିବାକୁ ଥିବାରୁ ଲୋକଙ୍କ ଭିତରେ ଯେତିକି ଉତ୍ସାହ ଥିଲା, ବ୍ୟବସାୟୀମାନେ ମଧ ଅଧିକ ଦି’ ପଇସା ଆୟ କରିବା ଆଶାରେ ବସିଥିଲେ। ତେବେ ବ୍ୟବସାୟୀମାନେ ଛାଡ଼ଖାଇ ପାଇଁ ପ୍ରାୟ ୪କୋଟିର ବେପାର ଆଶା କରିଥିବାବେଳେ ତାହା ହୋଇ ନ ଥିଲା। ମୋଟ୍ ୨କୋଟି ୭୩ଲକ୍ଷ ୫୦ହଜାର ଟଙ୍କାର ବେପାର ହୋଇଥିଲା। ସେଥିରୁ ମଟନ୍ ବେପାର ୧କୋଟି ୧ଲକ୍ଷ ଟଙ୍କା ହୋଇଥିବାବେଳେ ଚିକେନ୍ ୮୨ଲକ୍ଷ ୫୦ହଜାର ଏବଂ ମାଛ ୯୦ଲକ୍ଷ ଟଙ୍କାର ବେପାର ହୋଇଥିବା ଅଲ୍ ଓଡ଼ିଶା ନନ୍‌ଭେଜ୍ ଟ୍ରେଡର୍ସ ଫେଡେରେଶନ ରାଜ୍ୟ ସଭାପତି ସେଖ୍ ମୁସ୍ତାକିମ୍ ବକ୍ସ ସୂଚନା ଦେଇଛନ୍ତି। ଗ୍ରାହକଙ୍କ ଚାହିଦାକୁ ଦେଖି ୯ଗାଡ଼ି ମାଛ, ୫୫ଗାଡ଼ି ଚିକେନ୍ ଏବଂ ୨୦ ଗାଡ଼ି ମଟନ୍ ଆସିଥିଲା। ସେହିପରି ଅନ୍ୟଦିନ ଅପେକ୍ଷା ଆମିଷ ଦର ଟିକେ ଚଢା ଥିଲା। ରୋହି ମାଛ କିଲୋ ୨ଶହରୁ ୨୪୦ଟଙ୍କା ଥିବାବେଳେ ଭାକୁର ୨୮୦ରୁ ୩ଶହ, ଚିଙ୍ଗୁଡି ୩୬୦ରୁ ୪୫୦, ଘାଣ୍ଟି ଚିଙ୍ଗୁଡି ୨ଶହରୁ ୨୫୦, ମହୁରାଳୀ ୨ଶହରୁ ୨୫୦, ପୋହଳା ୨ଶହରୁ ୨୭୦, ମିରିକାଳୀ ୨ଶହରୁ ୨୪୦, ରୁପଚାନ୍ଦୀ ୧୬୦, ଇଲିସି ୮ଶହରୁ ୧ହଜାର, କଙ୍କଡା ୩ଶହରୁ ୫ଶହ, ମରୁଆ ୧୬୦, ବଡ କଙ୍କଡା ୩୬୦ର ୮ଶହ, ବ୍ରଏଲର ଚିକେନ୍ ୨ଶହରୁ ୨୨୦, ସୋନାଲି ଚିକେନ୍ ୩୮୦ରୁ ୪ଶହ, ବନରାଜ ୨ଶହରୁ ୨୨୦, ଛେଳି ମାଂସ ୭ଶହ ଏବଂ ଖାସି ୮ଶହ ଟଙ୍କା ଦର ରହିଥିଲା।

# ଦୁର୍ଗନ୍ଧରେ ସହରବାସୀ, ନିରୁପାୟ ବିଏମ୍‌ସି

ଭୁବନେଶ୍ୱର,୨୯।୧୧(ବନ୍ଦନା ସେଠୀ)

ରାସ୍ତା, ଘାଟ, ଗଳିକନ୍ଦି ସମେତ ପୂରା ସହର ବହୁଦିନ ହେବ ଦୁର୍ଗନ୍ଧରେ ଫାଟିପଡୁଛି। ଦୁର୍ଗନ୍ଧ ଏତେ ଉତ୍କଟ ହେଉଛି ଯେ ନାକରେ ହାତ ନ ଦେଲେ ରହି ହେଉନାହିଁ କି ଯାଇ ହେଉନାହିଁ। ବିଶେଷକରି ରାତି ବଢିବା ସହ ପୁରା ରାଜଧାନୀରେ ଦୁର୍ଗନ୍ଧ ଖେଳି ଯାଉଛି। ସୈନିକ ସ୍କୁଲ ନିକଟସ୍ଥ ଅସ୍ଥାୟୀ ଡମ୍ପିଂୟାର୍ଡ (ଟିଟିଏସ୍)ରେ ଆବର୍ଜନାର ପାହାଡ଼ ଗଦା ହେବା ପରେ ଏବେ ସହରବାସୀ ଦୁର୍ଗନ୍ଧରେ ଅଣନିଶ୍ୱାସୀ ହେବାକୁ ବସିଲେଣି। ଭିଏସ୍‌ଏସ୍ ନଗର, ଗାଡ଼କଣ, ରଙ୍ଗମାଟିଆ, ଭୋଟପଡ଼ା, ରେଲୱେ କଲୋନି, ଆଦିମାତା କଲୋନି, ଗଜପତିନଗର, ଗଜପତିନଗର, ଲକ୍ଷ୍ମୀବିହାର, ପ୍ରଗତିବିହାର, ବାଣୀବିହାର, ରସୁଲଗଡ଼, ମଞ୍ଚେଶ୍ୱର ଆଦି ଅଞ୍ଚଳରେ ରହି ହେଉନାହିଁ। ଦିନେ ଅସ୍ଥାୟୀ ଭାବେ ଆବର୍ଜନା ପଡିବା ପାଇଁ ଆରମ୍ଭ ହୋଇଥିବା ଏହି ସ୍ଥାନ ଏବେ ସ୍ଥାୟୀ ଭାବେ ସ୍ଥାୟୀ ଡମ୍ପିଂୟାର୍ଡରେ ପରିଣତ ହୋଇଛି। ଟିଟିଏସ୍ ଏବେ ଆବର୍ଜନାରେ ଉଛୁଳୁଥିଲେ ମଧ ବିଏମ୍‌ସି ପାଖରେ ଅନ୍ୟ କୌଣସି ଉପାୟ ନାହିଁ। ଅରପପକ୍ଷେ ସହରରୁ ଦୈନିକ ୬ଶହ ଟନ୍ ଆବର୍ଜନା ବାହାରୁ ଥିବାବେଳେ ଏହାର ସିଂହଭାଗ ଅର୍ଥାତ୍ ୪ଶହ ଟନ୍ ଆବର୍ଜନା ଟିଟିଏସ୍‌କୁ ଆସୁଛି। ମାତ୍ର ୨ଶହ ଟନ୍ ଆବର୍ଜନା ବିଭିନ୍ନ ୱାର୍ଡରେ ନିର୍ମିତ ହୋଇଥିବା ଏମ୍‌ସିସି ଏବଂ ଏମ୍‌ଆର୍‌ଏଫ୍‌କୁ ପଠା ଯାଉଛି। ପୂର୍ବରୁ ସହରରୁ ବାହାରୁଥିବା ଅଳିଆ ଏଠାକୁ ଆସିବା ପରେ ଏହାର ବୃହତ୍ ଅଂଶ ଦାରୁଠେଙ୍ଗ ସ୍ଥିତ ଡମ୍ପିଂୟାର୍ଡକୁ ଯାଉଥିଲା। ମାତ୍ର ମେ ୧୫ରୁ ଦାରୁଠେଙ୍ଗରେ ଆବର୍ଜନା ପକାଇବା ବନ୍ଦ ହେବା ପରଠାରୁ ଧିରେଧିରେ ସ୍ଥିତି ବିଗିଡି ଏବେ ଅସମ୍ଭାଳ ହେବାକୁ ବସିଲାଣି। କାରଣ ସହରର ସମସ୍ତ ୱାର୍ଡରେ ଏବେବି ଏମ୍‌ସିସି (ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର) ସ୍ଥାପନ ହୋଇପାରି ନାହିଁ। ସେହିପରି ୬୭ଟି ୱାର୍ଡ ପାଇଁ ଏବେ ମାତ୍ର ୩୭ଟି ଏମ୍‌ସିସି ଥିବାବେଳେ ତାହା ପର୍ଯ୍ୟାପ୍ତ ହେଉନାହିଁ। ଫଳରେ ଅନ୍ୟ ଉପାୟ ନ ପାଇ ଆବର୍ଜନାର ସିଂହଭାଗ ଏହିଠାରେ ଗଦା କରାଯାଉଛି। ତେବେ ଏଠାରୁ ବାହାରୁଥିବା ଦୁର୍ଗନ୍ଧରେ ସ୍ଥାନୀୟ ଅଞ୍ଚଳବାସୀ ଅଣନିଶ୍ୱାସୀ ହୋଇ ପଡିଲେଣି। ସ୍ଥିତି ଏପରି ଯେ କବାଟ, ଝରକା ବନ୍ଦ କରି ମଧ ଘରେ ରହିହେଉ ନାହିଁ। ଅସ୍ୱାସ୍ଥ୍ୟକର ପରିବେଶ, ବାୟୁ ପ୍ରଦୂଷଣ ଓ ଅସହ୍ୟ ଦୁର୍ଗନ୍ଧ ପାଇଁ ଅଞ୍ଚଳବାସୀ ଘରର କବାଟ ବନ୍ଦ କରି ରହିବା ସହ ମୁହଁରେ ମାସ୍କ ପିନ୍ଧୁଛନ୍ତି। ଏପରିକି ଚର୍ମରୋଗ, ଶ୍ୱାସରୋଗ ଭଳି ମାରାତ୍ମକ ରୋଗ ବ୍ୟାପିବାରେ ଲାଗିଛି। ଗତ କିଛିଦିନ ହେବ ଟିଟିଏସ୍ ଠାରେ ଟେରେକ୍ସ ମେସିନ୍ ଲଗାଇ ବର୍ଜ୍ୟ ପ୍ରକ୍ରିୟାକରଣ କରୁଛି। ତେବେ ପକ୍ରିୟାକରଣ ସମୟରେ ଗଦା ହୋଇ ରହିଥିବା ଆବର୍ଜନାକୁ

**ଦୁଃଖ ବଢ଼ାଉଛି ଟିଟିଏସ୍ ଆବର୍ଜନା**



ଓଲଟପାଲଟ କରାଯାଉଥିବାବେଳେ ତୀବ୍ର ଗନ୍ଧରେ ଅଣନିଶ୍ୱାସୀ ଲାଗୁଛି। ଏବେ ଦିନକୁ ଦୁଇଥର ପ୍ରକ୍ରିୟାକରଣ କରାଯାଉଥିବାବେଳେ ୧ ତାରିଖ ଠାରୁ ଏହା ୩ଟି ସିଫ୍ଟରେ ହେବ। ତେଣୁ ସେ ସମୟରେ ସ୍ଥାନୀୟ ଅଞ୍ଚଳରେ ରହିବା ମୁସ୍କିଲ ହୋଇ ପଡିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅପରପକ୍ଷେ ଘଟଣାକୁ ନେଇ ରାଜନୀତି ତେଜିବାରେ ଲାଗିଛି। ଡମ୍ପିଂୟାର୍ଡକୁ ତୁରନ୍ତ ସେଠାରୁ ସ୍ଥାନାନ୍ତର କରିବା ଦାବିରେ ମଙ୍ଗଳବାର ଠାରୁ ଭାଜପା ପକ୍ଷରୁ ସତ୍ୟାଗ୍ରହର ଡାକରା ଦିଆଯାଇଛି। ଯେ ପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି ସେ ପର୍ଯ୍ୟନ୍ତ ସତ୍ୟାଗ୍ରହ ଚାଲିବ ବୋଲି ଭାଜପା ଜିଲା ସଭାପତି ବାବୁ ସିଂ ଚେତାବନୀ ଦେଇଛନ୍ତି। ଅପରପକ୍ଷେ ଆଞ୍ଚଳିକ ସମନ୍ୱୟ ସମିତିର କିଶୋର ଜେନା ଘଟଣା ନେଇ ବୁଧବାର କମିଶନରଙ୍କ ଆଲୋଚନା କରିଛନ୍ତି। ପ୍ରୋସେସିଂ ସମୟରେ ଦୁର୍ଗନ୍ଧ ହେଉଥିବାରୁ ଏହାକୁ ଦୂର କରିବା ଉପାୟ ଅବଲମ୍ବନ କରିବାକୁ ଦାବି କରିଥିଲେ।

ମାତ୍ର ଏତେସବୁ ପରେ ବି ବିଏମ୍‌ସି ନିରୁପାୟ ହୋଇପଡିଥିବା ଆଭିମୁଖ୍ୟ ଦେଖାଉଛି। ନିଜ ଦାୟିତ୍ୱ ଠିକ୍ ଭାବେ ତୁଲାଉଛି ବୋଲି ବାହାସ୍ଫୋଟ ମାରିବା ସହ ସାଧାରଣ ଲୋକଙ୍କ ସହଯୋଗ ଲୋଡିଛି। ଟିଟିଏସ୍‌ରେ ପୂର୍ବରୁ ଗୋଟିଏ ଟେରେକ୍ସ ୱାରିଅର ମେଶିନ୍ ଲାଗିଥିବାବେଳେ ବୁଧବାର ଆଉ ଏକ ମେସିନ୍ କାର୍ଯ୍ୟକ୍ଷମ ହୋଇଛି। ଏନେଇ ବିଏମ୍‌ସି ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ କହିଛନ୍ତି, ପୂର୍ବରୁ ପ୍ରତିଦିନ ଆବର୍ଜନା ଦାରୁଠେଙ୍ଗ ଯାଉଥିଲା। ମାତ୍ର ଗତ ୬ମାସ ହେବ ତାହା ବନ୍ଦ ରହିଛି। ଟିଟିଏସ୍ ଆବର୍ଜନା ବର୍ଷା ପରଠାରୁ ପଚି ସଢି ରହିଛି। ଏବେ ବର୍ଜ୍ୟ ପ୍ରକ୍ରିୟାକରଣ କରିବା ସମୟରେ ସେହି ପୁରୁଣା ଆବର୍ଜନା ଦୁର୍ଗନ୍ଧ ସୃଷ୍ଟି କରୁଛି। ତେବେ ପ୍ରୋସେସିଂ ସରିବା ପରେ ଆଉ କୌଣସି ଅସୁବିଧା ହେବନାହିଁ। ଏଥିପାଇଁ ୩ ରୁ ୪ମାସ ସମୟ ଲାଗିବ। ସେହିପରି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ୧୫ ଦିନ ମଧ୍ୟରେ ୧୮ ହଜାର ମେଟ୍ରିକ ଟନ୍ ବର୍ଜ୍ୟ ପୃଥକୀରଣ ହୋଇଛି। ଆବର୍ଜନା ଗଦାର ପ୍ରାୟ ୨ ମିଟର ଉଚ୍ଚତା ହ୍ରାସ କରାଯାଇଛି। ଡିସେମ୍ବର ଶେଷ ସୁଦ୍ଧା ଆଖିଦୃଶିଆ କାମ ହୋଇଯିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ୨୦୨୪ ସୁଦ୍ଧା ଜିରୋ ଡମ୍ପିଂ ଏବଂ ଶତପ୍ରତିଶତ ରିୟଲ ଟାଇମ୍ ବର୍ଜ୍ୟ ପ୍ରକ୍ରିୟାକରଣ ପାଇଁ ବିଏମ୍‌ସି ଉଦ୍ୟମ ଜାରି ରଖିଛି ବୋଲି କମିଶନର କହିଛନ୍ତି।

## ସଂକ୍ଷେପରେ

### ୧ରେ କେନ୍ଦ୍ର ବୟନ ଶିଳ୍ପ ରାଷ୍ଟ୍ରମନ୍ତ୍ରୀଙ୍କ ନିମାପଡ଼ା ଗସ୍ତ

ନିମାପଡ଼ା,୨୯।୧୧(ବିଚିତ୍ରାନନ୍ଦ ସାହୁ)

ଭାଜପା ପକ୍ଷରୁ ଚାଲୁଥିବା ଲୋକସଭା ପ୍ରବାସ ଯୋଜନା କାର୍ଯ୍ୟକ୍ରମ ଆଧାରରେ କେନ୍ଦ୍ର ରେଳ ଓ ବୟନ ଶିଳ୍ପ ମନ୍ତ୍ରୀ ଦର୍ଶନାଜାର୍ଦୋଷ ଆସନ୍ତା ଡିସେମ୍ବର ୧ରେ ନିମାପଡ଼ା ଗସ୍ତରେ ଆସିବେ। ଏନେଇ ଭାଜପା ପକ୍ଷରୁ ଏକ ବିବୃତ୍ତିରେ ପ୍ରକାଶ ପାଇଛି। ନିମାପଡ଼ାଠାରେ ଆୟୋଜିତ ଲୋକସଭା କୋର କମିଟି, ନିମାପଡ଼ା ନିର୍ବାଚନମଣ୍ଡଳୀର ବୁଥ ସଭାପତିମାନଙ୍କ ସମ୍ମିଳନୀରେ କେନ୍ଦ୍ର ମନ୍ତ୍ରୀ ଜାର୍ଦୋଷ ଉଦ୍‌ବୋଧନ ଦେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରରେ ମନ୍ତ୍ରୀ ଥିବା ଜାର୍ଦୋଷ ଗୁଜୁରାଟ ରାଜ୍ୟ ସୁରଟ ଲୋକସଭା ଏମ୍‌ପି ଅଛନ୍ତି। ନିମାପଡ଼ାଠାରେ ମଣ୍ଡଳ ସଭାପତି, ସାଧାରଣ ସମ୍ପାଦକଙ୍କ ବିଧାନସଭା ସଂଯୋଜକ ଓ ପ୍ରଭାରୀମାନଙ୍କ ଏକ ସ୍ୱତନ୍ତ୍ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଜଗତ୍‌ସିଂହପୁର ଲୋକସଭା ଆସନ ଅଧୀନ ସମସ୍ତ ବିଧାନସଭା ଆସନର ସମସ୍ତ ନେତୃ ମଣ୍ଡଳୀ ଏହି ବୈଠକ ଓ ସମ୍ମିଳନୀରେ ଯୋଗଦେବେ ବୋଲି ଭାଜପା ବରିଷ୍ଠ ନେତ୍ରୀ ପ୍ରଭାତୀ ପରିଡ଼ା ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି। ଏହି ଅବସରରେ ଭାଜପା ପକ୍ଷରୁ ପ୍ରସ୍ତୁତି ପର୍ବ ଜୋରସୋରରେ ଚାଲିଛି।

### ଜଗଦ୍‌ଗୁରୁ ନିମ୍ବାର୍କଙ୍କ ଜୟନ୍ତୀ

ପୁରୀ,୨୯।୧୧(ଅଜିତ ମହାନ୍ତି)

ଭାରତର ଆଧ୍ୟାତ୍ମିକ ଇତିହାସରେ ପ୍ରସିଦ୍ଧି ଲାଭ କରିଥିବା ଜଗଦ୍‌ଗୁରୁ ନିମ୍ବାର୍କଙ୍କ ଆବିର୍ଭାବ ଦିବସ ଓ ସ୍କନ୍ଦ ପୁରାଣ ଆଧାରିତ ଓଡ଼ିଆ ଅନୁବାଦ 'ଶ୍ରୀଜଗନ୍ନାଥ ଭାଗବତ' ପାରାୟଣର ଶୁଭାରମ୍ଭ କାର୍ଯ୍ୟକ୍ରମ ଶ୍ରୀମନ୍ଦିର ସିଂହଦ୍ୱାରସ୍ଥିତ ରାଧାବଲ୍ଲଭ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଠାଧୀଶ ମହନ୍ତ ରାମକୃଷ୍ଣ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ଭାଗବତ ଆଶ୍ରମ ଅଧକ୍ଷ ବାବା ବ୍ରଜବନ୍ଧୁ ଦାସ, ବଲାଙ୍ଗୀରର ସ୍ୱାମୀ ସତ୍ୟ ବେଦାନନ୍ଦ ମହାରାଜ, ମହିପ୍ରକାଶ ମଠ ମହନ୍ତ ସ୍ୱାମୀ ଶୁଭାନନ୍ଦ ପୁରୀ, ଗଞ୍ଜାମର କଞ୍ଚୁର ମଠ ମହନ୍ତ ହରିହର ଦାସ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ର, ଡ. ନରେଶ ଚନ୍ଦ୍ର ଦାଶ, ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର ଏବଂ ବିଶ୍ୱ ହିନ୍ଦୁ ପରିଷଦ ରାଜ୍ୟ ସାଧାରଣ ସମ୍ପାଦକ ମହେଶ ସାହୁ ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇ ନିମ୍ବାର୍କଙ୍କ ଜୀବନୀ ଓ ଦର୍ଶନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

ଆଲୋଚନା ପର୍ବକୁ ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ଏହି ଅବସରରେ 'ଶ୍ରୀଜଗନ୍ନାଥ ଭାଗବତ'ର ନବାକ୍ଷରୀ ଓଡ଼ିଆ ଅନୁବାଦ ହିମାଂଶୁ ଶେଖର ଶତପଥୀଙ୍କ ଦ୍ୱାରା ପାଠ କରାଯାଇଥିଲା। ଏହା ପ୍ରତ୍ୟହ ସନ୍ଧ୍ୟାରେ ଭକ୍ତମାନଙ୍କ ଅବଗତି ପାଇଁ ମଠ ପରିସରରେ ପାଠ କରାଯିବ ଓ ଏଥିସହ ଡ. ଭାସ୍କର ମିଶ୍ରଙ୍କ ହିନ୍ଦୀ ପାଣ୍ଡୁଲିପି 'ଶ୍ରୀଜଗନ୍ନାଥଙ୍କ ଛପନ ଭୋଗ' ଗ୍ରନ୍ଥ ପୂଜା କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ ଓ ସାଧୁସନ୍ଥ ଯୋଗ ଦେଇଥିଲେ।

# କାମରେ ଆସୁନି ବାୟୋମେଟ୍ରିକ ଉପସ୍ଥାନ ମେଶିନ

## ପାଳିରେ ଆସୁଛନ୍ତି ଅଧାପିକା ଅଧାପକ

ଗୋପ,୨୯।୧୧(ଭାରତୀ ଭୂଷଣ ଉପାଧ୍ୟାୟ)

ବିଭିନ୍ନ ସ୍କୁଲ ଓ କଲେଜଗୁଡ଼ିକରେ ସରକାର ବିଜ୍ଞାନ ଉପରେ ପ୍ରାଥମିକତା ଦେଉଛନ୍ତି। ମାତ୍ର ଗୋପ ମହାବିଦ୍ୟାଳୟରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଏହି କଲେଜରେ ଥିବା ବିଜ୍ଞାନ ଅଧାପିକା ଅଧାପକ ପାଳିରେ ଆସୁଥିବାବେଳେ ନୈରାଶ୍ୟଜନକ ପାଠପଢ଼ା ଯୋଗୁ ଅଧ୍ୟୟନରତ ଛାତ୍ରୀଛାତ୍ର କଲେଜ ଆସୁ ନ ଥିବା ଭଳି ଅଭିଯୋଗ ହୋଇଛି। କଲେଜରେ ଲାଗିଥିବା ବାୟୋମେଟ୍ରିକ ଉପସ୍ଥାନ ମେସିନ କାମରେ ଆସୁ ନ ଥିବା ଭଳି ଅଭିଯୋଗ ରହିଛି। ଫଳରେ ଦିନକୁ ଦିନ ଗୋପ ମହାବିଦ୍ୟାଳୟରେ ଏଭଳି ପରିସ୍ଥିତି ସୃଷ୍ଟି ହେବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ପ୍ରକାଶ ଯେ, ୧୯୭୮ ମସିହାରେ ଗୋପ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିବାବେଳେ ୧୯୯୦ ମସିହାରେ ବିଭାଗ ବିଭାଗର ଯୁକ୍ତ୨ ଖୋଲା ହୋଇଥିଲା। ପରବର୍ତ୍ତୀ ଅବସ୍ଥାରେ ୨୦୨୧ରେ ସରକାର ବିଜ୍ଞାନ ବିଭାଗ ପକ୍ଷରୁ ଯୁକ୍ତ୩ ଖୋଲା ଯାଇଥିଲା। ହେଲେ ଏହି ସମୟରେ ଆଶାତୀତ ଭାବେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢୁଛି। ହେଲେ ବିଜ୍ଞାନ ଅଧାପିକା ଅଧାପକ ପାଳିରେ ଆସୁଥିବାବେଳେ ଠିକ୍‌ରେ ପାଠପଢ଼ା ନ ହେବାରୁ ଅଧ୍ୟୟନରତ ଛାତ୍ରୀଛାତ୍ର କଲେଜ ଆସୁନାହାନ୍ତି। ଯୁକ୍ତ୨ ବିଜ୍ଞାନ ବିଭାଗରେ ୧୭୨ଟି ସିଟ୍ ରହିଥିବାବେଳେ ଚଳିତବର୍ଷ ମାତ୍ର ୧୧୦ ଜଣ ଛାତ୍ରୀଛାତ୍ର ଅଛନ୍ତି। ଯୁକ୍ତ୩ ବିଭାଗରେ ସିଟ୍ ସଂଖ୍ୟା ୬୪ ଥିବା ସମୟରେ ଚଳିତବର୍ଷ ମାତ୍ର ୨୦ ଜଣ ଛାତ୍ରୀଛାତ୍ର ଥିବା ଜଣାପଡ଼ିଛି। ବାୟୋମେଟ୍ରିକ ଉପସ୍ଥାନ ମେସିନ୍ କାମରେ ଆସୁ ନ ଥିବାବେଳେ ପାଳିରେ ଆସୁଥିବା ଅଧାପିକା ଅଧାପକ କଲେଜ ଉପସ୍ଥାନ ଖାତାରେ ଦସ୍ତଖତ କରୁଛନ୍ତି। କଲେଜ ପକ୍ଷରୁ ବିଜ୍ଞାନ ଅଧାପିକା ଅଧାପକଙ୍କୁ ମାସିକ ଦରମା ଦିଆଯାଉଥିବାବେଳେ କେତେକ ବେସରକାରୀ କୋଚିଂ ସେଣ୍ଟରରେ ସେମାନେ ପାଠ ପଢ଼ାଇ ମୋଟା ଅଙ୍କର ଅର୍ଥ ନେଉଥିବା ଅଭିଯୋଗ ରହିଛି। ଏପରି ଅବସ୍ଥା ଓ ଅଭିଯୋଗ ସମ୍ପର୍କରେ କଲେଜ ଅଧ୍ୟକ୍ଷାଙ୍କ ନିକଟରେ ଖବର ଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ପଛରେ ଅନେକ କାରଣ ରହିଛି ବୋଲି ଆଲୋଚନା ହେଉଛି। କଲେଜର ପରିଚାଳନା କମିଟି ସଭାପତି ପ୍ରକାଶଚନ୍ଦ୍ର ଖଟୋଇଙ୍କୁ ଏନେଇ ନେଇ ପଚାରିବାରେ, ଅଭିଯୋଗକୁ ତଦନ୍ତ କରିବା ସହ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବା ସହ କିପରି ପାଠପଢ଼ା ହେବ ସେଥିପ୍ରତି ଗୁରୁତ୍ୱ ଦେବେ ବୋଲି କହିଥିଲେ।



ଉତ୍ତରକାଶୀର ସୁଡ଼ଙ୍ଗରେ ଫସିଥିବା ଶ୍ରମିକମାନଙ୍କ ସଫଳ ଉଦ୍ଧାର କାର୍ଯ୍ୟ ପରେ ବୁଧବାର ସେବାୟତ ଓ ଭକ୍ତଙ୍କ ପକ୍ଷରୁ ଶ୍ରୀମନ୍ଦିର ସମ୍ମୁଖରେ ଦୀପଦାନ କରାଯାଉଛି।

# ଯୁକ୍ତ୨ ପରୀକ୍ଷା କେନ୍ଦ୍ରର ଲାଇଭ୍ ଷ୍ଟ୍ରିମିଂ ହେବ

ଭୁବନେଶ୍ୱର,୨୯।୧୧(ଅନୁରାଧା ମହାରଣା)

ରାଜ୍ୟର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ବାର୍ଷିକ ପରୀକ୍ଷାକୁ ସ୍ୱଚ୍ଛ କରିବା ପାଇଁ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସମସ୍ତ ପରୀକ୍ଷାକେନ୍ଦ୍ର ଓ ଷ୍ଟ୍ରଙ୍ଗରୁମ୍‌ରେ ସିସିଟିଭି ଲାଗିଛି କି ନାହିଁ ଏବଂ ଲାଗିଥିଲେ ଠିକ୍ ଭାବେ କାର୍ଯ୍ୟ କରୁଛି କି ନାହିଁ, ତାହାର ତର୍ଜମା କରିବାକୁ ସମସ୍ତ ଜୁନିଅର କଲେଜ ଅଧ୍ୟକ୍ଷଙ୍କୁ ପରିଷଦ ପକ୍ଷରୁ ଚିଠି ଲେଖାଯାଇଛି। ପରୀକ୍ଷା ହେବାକୁ ଥିବା ସମସ୍ତ ସେଣ୍ଟରର ସୁପରିଣ୍ଟେଣ୍ଡେଣ୍ଟ ଅଫିସ୍ ଓ ଲାବରେଟୋରିରେ ମଧ୍ୟ ସିସିଟିଭି ଲଗାଯିବ। ଏହାବ୍ୟତୀତ ପରୀକ୍ଷା କେନ୍ଦ୍ରଗୁଡ଼ିକର ଲାଇଭ୍ ଷ୍ଟ୍ରିମିଂ ମଧ୍ୟ କରାଯିବ। ତେବେ ୧୫ ଡିସେମ୍ବର ପୂର୍ବରୁ ଏନେଇ ସମସ୍ତ ବ୍ୟବସ୍ଥା କରାଯିବାକୁ ଚିଠିରେ ଉଲ୍ଲେଖ ରହିଛି। ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବା ପୂର୍ବରୁ କ୍ୟାମେରାଗୁଡ଼ିକ ଯାଞ୍ଚ କରାଯିବ। ତେବେ ପରୀକ୍ଷା ପରିଚାଳନା ହବ୍ ଘୋଷଣା କରାଯାଇଥିବା ଶିକ୍ଷାନୁଷ୍ଠାନ ଏବଂ ନୂତନ ଭାବେ ପରୀକ୍ଷାକେନ୍ଦ୍ର ପାଇଁ ଆବେଦନ କରିଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ଡିଭିଆର୍/ଏନ୍‌ଭିଆର୍/ ଇନଷ୍ଟଲ କ୍ଲାଉଡ୍, ଇଣ୍ଟରନେଟ୍ ସଂଯୋଗ, ଷ୍ଟାଟିକ୍ ଆଇପି ଆଡ୍ରେସ୍, କ୍ୟାମେରା ଆଦି ଉପଲବ୍ଧ ରଖିବା ପାଇଁ ନିର୍ଦ୍ଦେଶ ରହିଛି। ଏପରିକି ଉକ୍ତ ଜୁନିଅର କଲେଜଗୁଡ଼ିକ ଏନେଇ ସମସ୍ତ ତଥ୍ୟ ୧୫ ତାରିଖ ପୂର୍ବରୁ ସାମସ୍ ଇ-ସ୍ପେସ୍‌ରେ ଦାଖଲ କରିବେ। ଏଥିରେ ଖିଲାପ କଲେ ସଂପୃକ୍ତ ଶିକ୍ଷାନୁଷ୍ଠାନ ବିରୋଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠିରେ ସ୍ପଷ୍ଟ କରାଯାଇଛି।

# ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା ଶୋଭାଯାତ୍ରା




ସଚେତନତା ଶୋଭାଯାତ୍ରାକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ପୁରୀ, ୨୯।୧୧(ଅଜିତ୍ ମହାନ୍ତି)

କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନସେସ୍, ପୁରୀ ମହାବିଦ୍ୟାଳୟରେ ୭ଦିନ ଧରି ୬୨ତମ ଜାତୀୟ ଫାର୍ମାସୀ ସପ୍ତାହ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହୋଇଯାଇଛି। ପ୍ରଥମ ଦିନ ଅନୁଷ୍ଠିତ ଆଲୋଚନା ଚକ୍ରରେ ଫାର୍ମାସୀ କାଉନ୍‌ସିଲ ଅଫ୍ ଇଣ୍ଡିଆର ପୂର୍ବତନ ସମ୍ପାଦକ ପ୍ରଫେସର ଡ. ଆର୍.ଏସ୍. ଠାକୁର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ଦିନର ଆଲୋଚନାଚକ୍ରରେ ଉତ୍ତରାଖଣ୍ଡ ଏଚ୍.ଏନ୍.ବି ଗୋରୱାଲ ୟୁନିଭର୍ସିଟିର ଏଚ୍‌ଓଡି ଅଜୟ ଗଜାନନ ନାମଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ତୃତୀୟ ଦିନ କଲେଜ ତରଫରୁ ଚାରାରୋପଣ କରାଯାଇଥିଲା। ଚତୁର୍ଥ ଦିନ କଲେଜର ପୂର୍ବତନ ଛାତ୍ର ତଥା ଟାଟା କନସଲଟାନ୍ସିର ସିନିୟର ପ୍ରୋସେସ୍ ଆସୋସିଏଟ ରେଗୁଲେଟୋରି ଆଫେୟାର୍ସର ଦୁର୍ଗାପ୍ରସନ୍ନ ନାୟକ ଶୈକ୍ଷିକ ବକ୍ତବ୍ୟ ପ୍ରଦାନ କରିଥିଲେ। ପଞ୍ଚମ ଦିନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା ହେବା ସହିତ ଷଷ୍ଠ ଦିନ ଡା. ବଦ୍ରୀନାଥ ମିଶ୍ରଙ୍କ ତତ୍ତ୍ୱାବଧାନରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ତିମ ଦିନ ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାକୁ କଲେଜର ଚେୟାରପର୍ସନ୍ ଅନିମା ଦାସ ଉଦ୍‌ଘାଟନ କରିଥିଲେ। କଲେଜଠାରୁ ଶୋଭାଯାତ୍ରା ବାହାରି ନିକଟସ୍ଥ ଗ୍ରାମ ପରିକ୍ରମା କରିଥିଲା। ଅଧାପିକା ଅଧାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏଡ଼ବାଂଶରେ ନୂତନ ହାଟ ଉଦ୍‌ଘାଟିତ

ଅସ୍ତରଙ୍ଗ,୨୯।୧୧(ପ୍ରଦୀପ୍ତ ଦୀକ୍ଷିତ୍)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ ଏଡ଼ବାଂଶ ନିକଟରେ ନୂତନ କରି ସାପ୍ତାହିକ ହାଟ ଖୋଲିଛି। ସ୍ଥାନୀୟ ଜନସାଧାରଣଙ୍କ ସୁବିଧା ପାଇଁ ସ୍ଥାନୀୟ ଅଞ୍ଚଳ ବ୍ୟବସାୟୀ ରୋଜଗାର କରିବା ସହ ସ୍ଥାନୀୟ ଜନ ସାଧାରଣ ସୁବିଧାରେ କିଣାବିକା କରିବାକୁ ଲକ୍ଷ୍ୟ ନେଇ ସ୍ଥାନୀୟ ସରପଞ୍ଚଙ୍କ ଦ୍ୱାରା ନୂତନ ହାଟ ଉଦ୍‌ଘାଟନ ହୋଇଛି। ଉତ୍ସବରେ ଅତିଥି ଭାବେ ତାଳଦା ସରପଞ୍ଚ ଦୀପକ ପରିଡ଼ା, ସମିତି ସଭ୍ୟ ଅମିୟ ରଞ୍ଜନ ସେଠୀ, ସାମାଜିକ କର୍ମୀ ପ୍ରତାପ ପରିଡ଼ା, ବିଜୟ ପଢିଆରୀ, ପ୍ରଫୁଲ୍ଲ ସେନାପତି, ରାଜା ମହାନ୍ତି, ଦିବାକର ସାହୁ ଉପସ୍ଥିତ ଥିଲେ। ହାଟରେ ପନିପରିବାଠାରୁ ଆରମ୍ଭ କରି ସମସ୍ତ ଘରକରଣା ସାମଗ୍ରୀ ଗ୍ରାହକଙ୍କୁ ସୁବିଧା ଉପଲବ୍ଧ ହୋଇପାରିବ। ନିଜ ଅଞ୍ଚଳରେ ସାପ୍ତାହିକ ହାଟ ଖୋଲିଥିବାରୁ ସ୍ଥାନୀୟ ବାସିନ୍ଦା ଖୁସି ପ୍ରକଟ କରିଛନ୍ତି। ଏହି ହାଟ ସପ୍ତାହକୁ ବୁଧବାର ଓ ରବିବାର ଖୋଲାଯିବ।

## ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ଋଣମେଳା

ଅସ୍ତରଙ୍ଗ,୨୯।୧୧(ମମତା ଜେନା)

ପୁରୀ ଜିଲା ଅସ୍ତରଙ୍ଗ ଷ୍ଟେଟ୍ ବ୍ୟାଙ୍କ ଶାଖା ପକ୍ଷରୁ ଜାହାନିଆଁଠାରେ ବେଳାଭୂମି ମହୋତ୍ସବ ଅବସରରେ ଲୋନ୍ ମେଳା ଅନୁଷ୍ଠିତ ହୋଇଯାଇଛି। ସୁନା, ଗୃହ, ବ୍ୟବସାୟ, ବ୍ୟକ୍ତିଗତ ଲୋନ୍‌କୁ ପ୍ରାଧାନ୍ୟ ଦିଆଯାଇଥିବାବେଳେ ଲୋନ ନିଅନ୍ତୁ ଆତ୍ମନିର୍ଭରଶୀଳ ହୁଅନ୍ତୁ ବୋଲି ଗ୍ରାହକଙ୍କୁ ଶାଖା ପରିଚାଳକ ଫାଲଗୁନୀ ବାନ୍ଧବ ଦାସ ସଚେତନ କରିଥିଲେ। ମେଳାରେ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ସନ୍ଦୀପ ଦାଶ, ରଞ୍ଜିତ୍ ପାତ୍ର, ଜନ୍ମେଜୟ ସ୍ୱାଇଁ, ଦିଲୀପ ବେହେରା, ପ୍ରଦୀପ ନାୟକ ପ୍ରମୁଖ ଯୋଗଦେଇ ଗ୍ରାହକଙ୍କୁ ସଚେତନ କରିଥିଲେ।

# ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୬୧୮ ପରୀକ୍ଷା କରାଇଲେ

କଣାସ,୨୯।୧୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବୁଧବାର ଦୟାବିହାରଠାରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୬୧୮ଜଣ ଭିନ୍ନକ୍ଷମ ଯୋଗଦେଇ ବିଭିନ୍ନ ବିଭାଗରେ ବିଶେଷଜ୍ଞଙ୍କ ଦ୍ୱାରା ପରୀକ୍ଷାନିରୀକ୍ଷା କରିଥିଲେ। ଅସ୍ଥିଶଲ୍ୟ ବିଭାଗରେ ୨୬୪ ଜଣ, କର୍ଣ୍ଣ, ନାସା ବିଭାଗରେ ୧୧୩ଜଣ, ଚକ୍ଷୁ ବିଭାଗରେ ୫୮ ଜଣ, ମାନସିକ ଅନଗ୍ରସର ବିଭାଗରେ ୧୮୩ ଜଣ ରୋଗୀ ଯୋଗ ଦେଇଥିଲେ। ଅସ୍ଥିଶଲ୍ୟ ବିଭାଗର ଡା. ଦୀପ୍ତେଷ ସାହୁ, ଡା. ସୁଶୀଲ ନାୟକ, ଚକ୍ଷୁ ବିଭାଗର ଡା. ଜ୍ୟୋସ୍ନାରାଣୀ ତ୍ରିପାଠୀ, ନାସା ଓ କର୍ଣ୍ଣ ବିଭାଗର ଡା. ରବୀନ୍ଦ୍ରନାଥ ଘଡେଇ, ମାନସିକ ଅନଗ୍ରସର ବିଭାଗର ଡା. ସ୍ୱୟଂପ୍ରଭା ବରାଳ ପ୍ରମୁଖ ପରୀକ୍ଷାନିରୀକ୍ଷା କରିଥିଲେ। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ରମେଶଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ଅନୁଷ୍ଠାନର ମୁଖ୍ୟ କର୍ମଚାରୀ କୃଷ୍ଣଚନ୍ଦ୍ର ନିଶଙ୍କ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ଶିବିର ସମ୍ପର୍କରେ ପ୍ରଚାର ହୋଇ ନ ଥିବାରୁ ଅନେକ ଭିନ୍ନକ୍ଷମ ଶିବିରରେ ଯୋଗଦେଇ ନ ପାରି ଥିଲେ। ନୀଳାଚଳ ସେବା ପ୍ରତିଷ୍ଠାନ କର୍ମଚାରୀ ସହଯୋଗ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ମହାରଣା ଶିବିରରେ ଯୋଗଦେବା ସହ ପ୍ରତିଷ୍ଠାନରେ ରହୁଥିବା ମାନସିକ ଅନଗ୍ରସର ବ୍ୟକ୍ତିଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ।

# ବ୍ଲକ୍‌ସ୍ତରୀୟ ଗ୍ରାମୀଣ ଶିଳ୍ପ ପାର୍କ ଲୋକାର୍ପିତ



ବିଧାୟକ ରୁଦ୍ରପ୍ରତାପ ମହାରଥୀ ଗ୍ରାମୀଣ ଶିଳ୍ପ ପାର୍କକୁ ଉଦ୍‌ଘାଟନ କରୁଛନ୍ତି।

ଡେଲାଙ୍ଗ, ୨୯।୧୧(ରଶ୍ମୀରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ଗଡ଼ମୋଟରି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ବ୍ଲକ୍‌ସ୍ତରୀୟ ଗ୍ରାମୀଣ ଶିଳ୍ପ ପାର୍କ ଲୋକାର୍ପଣ ହୋଇଛି। ଓର୍‌ମାସ ସଂସ୍ଥା ଏବଂ ମିଶନ ଶକ୍ତି ମହିଳା ମହାସଂଘ ମିଳିତ ଆନୁକୂଲ୍ୟରେ ଏହି ଶିଳ୍ପ ପାର୍କକୁ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଓ ବ୍ଲକ୍ ଅଧ୍ୟକ୍ଷା ବାସନ୍ତୀ ସାହୁ ଲୋକାର୍ପଣ କରିଥିଲେ। ଓରମାସ୍ ପକ୍ଷରୁ ପ୍ରିୟଦର୍ଶନ ଜେନା ଓ ଉପମୁଖ୍ୟ ନିର୍ବାହୀ ଅଧିକାରୀ ଭକ୍ତି ପଟ୍ଟନାୟକ, ଅତିରିକ୍ତ ବିଡିଓ ପ୍ରଦୀପ ନାୟକ, ସିଡିପିଓ ଜାପାନୀ ମିତ୍ର, ସଂଯୋଜିକା ନନ୍ଦିତା ସ୍ୱାଇଁ, ସହକାରୀ ଯନ୍ତ୍ରୀ ସୁବ୍ରତ କୁମାର ବାରିକ, ଯନ୍ତ୍ରୀ ଚିତ୍ରୋତ୍ପଳା ନାୟକଙ୍କ ସହ ଗଡ଼ମୋଟରି ସରପଞ୍ଚ ମାର୍କଣ୍ଡ ମଙ୍ଗରାଜ, ସମିତି ସଭ୍ୟ ଲଲାଟ କେଶରୀ ସାମନ୍ତରାୟ, ରେଞ୍ଚ ସମିତି ସଭ୍ୟ ପ୍ରଭାତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିଳ୍ପ ପାର୍କରେ କାଗଜ ଥାଳି, ଥାଳିଆ ତିଆରି କରାଯିବା ସହିତ ଡାଲି କଳ, ଧୂପକାଠି ତିଆରି ଯନ୍ତ୍ର ଓ ବିଉଟି ପାର୍ଲର ଆଦିର ସୁବିଧା ଉପଲବ୍ଧ ରହିବ। ସେହିପରି ଏଠାରେ ମହିଳାମାନେ ନିୟୋଜିତ ହୋଇପାରିବେ। ଆଗାମୀ ଦିନରେ ଚାନ୍ଦୁଆ ଶିଳ୍ପ ଓ ଅନ୍ୟାନ୍ୟ କୁଟୀର ଶିଳ୍ପ ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ଅଧ୍ୟକ୍ଷା ସାହୁ କହିଛନ୍ତି। ଏହି ଅବସରରେ ଗଡ଼ମୋଟରି ପଞ୍ଚାୟତର ମିଶନ ଶକ୍ତି କାର୍ଯ୍ୟାଳୟ ଗୃହ ଓ ସହଯୋଗ କେନ୍ଦ୍ର, ବାତଳ ଗ୍ରାମ ଗୋଷ୍ଠୀ ଗୃହକୁ ବିଧାୟକ ମହାରଥୀ ଲୋକାର୍ପଣ କରିଥିଲେ।

# ଛାତ୍ରୀଛାତ୍ର ଦକ୍ଷତା ପ୍ରତିପାଦନ କରିବା ଉଚିତ

କଣାସ,୨୯।୧୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟ ପରିସରରେ ବୁଧବାର ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବନବିହାରୀ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ କଣାସ ତହସିଲଦାର ସନ୍ତୋଷ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ କଣାସ ଅତିରିକ୍ତ ବିଡିଓ ମଙ୍ଗଳ ସିଂ ହେମ୍ବ୍ରମ୍ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ସମାଜରେ ଶୃଙ୍ଖଳିତ ନାଗରିକ ହୋଇ ନିଜକୁ ପ୍ରତିଷ୍ଠିତ କରିବା, ବିଭିନ୍ନ ସାଂସ୍କୃତିକ, ସାମାଜିକ, ଖେଳକୁଦ ପ୍ରତିଯୋଗିତାରେ ଭାଗନେଇ ନିଜର ଦକ୍ଷତା ପ୍ରତିପାଦନ କରିବା ଜରୁରୀ ବୋଲି ପାଣିଗ୍ରାହୀ ଗୁରୁତ୍ୱାରୋପ କରିଥିଲେ। ଏବିଡିଓ ହେମ୍ବ୍ରମ୍ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିବା ସହିତ ଛାତ୍ରୀଛାତ୍ର ସଚେତନ ନାଗରିକ ଭାବେ ସକ୍ରିୟ ଅଂଶଗ୍ରହଣ କରି ନିଜକୁ ଉପଯୁକ୍ତ ଭବିଷ୍ୟତ ଦାୟାଦ ଭାବେ ଗଢି ତୋଳିବାକୁ ଉପଦେଶ ଦେଇଥିଲେ। ଅଧାପକ ବୃନ୍ଦାବନ ପାତ୍ର, ଅଧାପିକା ସଞ୍ଜୁ ପଟ୍ଟନାୟକ, ଅଧାପକ ଡମ୍ବରୁଧର ଛୁଆଲସିଂ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଭାସ ମଙ୍ଗରାଜ ମଞ୍ଚ ପରିଚାଳନା କରିଥିଲେ। ଅଧାପକ ନିରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା ଟାଏକୋଣ୍ଡୋ ଦଳର ଡେରାଡୁନ୍ ଗସ୍ତ

ପୁରୀ, ୨୯।୧୧(ଅଜିତ୍ ମହାନ୍ତି)

ଟାଇକୋଣ୍ଡୋ ଉତ୍ତରାଖଣ୍ଡ ଏବଂ ଟାଏକୋଣ୍ଡୋ ଫେଡେରେଶନ୍ ଅଫ୍ ଇଣ୍ଡିଆ ମିଳିତ ଆନୁକୂଲ୍ୟରେ ୩୭ତମ ଜାତୀୟ ସବ୍‌ଜୁନିୟର କିରୋଗୀ ଏବଂ ଏକାଦଶ ପୁମ୍‌ସେ ଚାମ୍ପିୟନଶିପ୍ ସହ ଷଷ୍ଠ ଜାତୀୟ କ୍ୟାଡେଟ୍ କିରୋଗୀ ଓ ପୁମ୍‌ସେ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାକୁ ଯାଉଛି। ଡିସେମ୍ବର ୧ରୁ ୩ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ଡେରାଡୁନ୍ ଅନ୍ତର୍ଗତ ଖେଲୋ ଇଣ୍ଡିଆ ବହୁମୁଖୀ କ୍ରୀଡ଼ା କମ୍ପ୍ଲେକ୍ସରେ ଏହା ଆୟୋଜନ ହେବ। ସବ୍‌ଜୁନିୟର ଏବଂ କ୍ୟାଡେଟ୍ ଡିଭିଜନରେ ଦୁଇଟି ପ୍ରତିଯୋଗିତା, କିରୋଗି ଏବଂ ପୁମସେରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ ମୋଟ ୫୩ ଜଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରେ ୨୫ ବାଳିକା ଏବଂ ୨୮ଜଣ ବାଳକ ରହିଛନ୍ତି। ପ୍ରତିଯୋଗିତାରେ ଭାଗ ନେବା ପାଇଁ ଓଡ଼ିଶା ଟିମ୍ ବୁଧବାର ପୁରୀ ରେଳ ଷ୍ଟେଶନରୁ ଶାଳିମାର ଏକ୍ସପ୍ରେସ ଯୋଗେ ଡେରାଡୁନ୍ ଯାତ୍ରା କରିଛନ୍ତି।



ପୁରୀ ରେଳ ଷ୍ଟେଶନରେ ଡେରାଡୁନ୍ ଗସ୍ତ ପାଇଁ ବାହାରିଥିବା ଟାଏକୋଣ୍ଡୋ ଦଳ।

## ଶୋଇବା ଘରୁ ନାବାଳିକାଙ୍କ ଝୁଲନ୍ତା ମୃତଦେହ ଜବତ

ନିମାପଡା,୨୯।୧୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ମିଟେଇପୁର ପଞ୍ଚାୟତ ଅନ୍ଦୋଟି ଗ୍ରାମର ୧୭ ବର୍ଷୀୟା କଲେଜ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ନିମାପଡ଼ା ଥାନା ପୋଲିସ ବୁଧବାର ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡକାଲକୁ ପଠାଯାଇଛି। ପୋଲିସ ଏନେଇ ୨୩/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଛାତ୍ରୀଙ୍କ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ଛାତ୍ରୀ ଜଣଙ୍କ ଆତ୍ମହତ୍ୟା କରିଥିବା ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ନିମାପଡ଼ାର ଏକ ଘରୋଇ କଲେଜରେ ଯୁକ୍ତ ୩ରେ ଅଧ୍ୟୟନ କରୁଥିବା ଛାତ୍ରୀ ବୁଧବାର ତାଙ୍କ ଶୋଇବା ଘର କବାଟ ଖୋଲି ନ ଥିଲେ। କିଛି ସମୟ ପରେ ପରିବାର ଲୋକ ତାଙ୍କୁ ବେକରେ ଓଢଣୀ ବନ୍ଧା ହୋଇ ଝୁଲୁଥିବା ଅବସ୍ଥାରେ ଦେଖି ଚାରିଛକ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଚନ୍ଦ୍ରାଦେଈପୁର ପଞ୍ଚାୟତରେ ଫଳକ ରାଜନୀତି

ବଳଙ୍ଗା,୨୯।୧୧(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଧୀନ ଚନ୍ଦ୍ରାଦେଈପୁର ପଞ୍ଚାୟତରେ ସାଧାରଣ ନିର୍ବାଚନ ପୂର୍ବରୁ ଫଳକ ରାଜନୀତି ଦେଖିବାକୁ ମିଳିଛି। ପଞ୍ଚାୟତକୁ ଆସିଥିବା ୫୦ ଲକ୍ଷ ଟଙ୍କାର ଅନୁଦାନରେ କିଏ ପ୍ରକଳ୍ପ କାମ କରିବ ତା'କୁ ନେଇ ବିଜେଡି ଓ ଭାଜପା କର୍ମୀ ମୁହାଁମୁହିଁ ସ୍ଥିତିରେ ପହଞ୍ଚିଛନ୍ତି। ପ୍ରକଳ୍ପ ଆରମ୍ଭ ପୂର୍ବରୁ ଗୋଟିଏ ସ୍ଥାନରେ ଦୁଇଟି ଫଳକ ଲାଗିଲାଣି, ଯାହାକୁ ନେଇ ଦ୍ୱନ୍ଦ୍ୱରେ ଅଞ୍ଚଳବାସୀ। ଏ ନେଇ ସ୍ଥାନୀୟ ବିଧାୟକଙ୍କୁ ଚନ୍ଦ୍ରାଦେଈପୁର ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। ଏପଟେ ପ୍ରକଳ୍ପ ଫଳକକୁ ସ୍ଥାନୀୟ ଲୋକେ ଜଗି ରହିଛନ୍ତି। ଏପରିକି ଖବରଦାତାମାନେ ଫଟୋ ଉଠାଇବାକୁ ଗଲେ ଧମକାଉଛନ୍ତି।

ରାଜ୍ୟ ସରକାରଙ୍କ ଯୋଜନା ମୁତାବକ, ପ୍ରତ୍ୟେକ ପଞ୍ଚାୟତକୁ ୫୦ଲକ୍ଷ ଟଙ୍କାର ଅନୁଦାନ ମିଳିଛି। ପଞ୍ଚାୟତରେ ବିକାଶମୂଳକ ଏହି ଅର୍ଥ ବିନିଯୋଗ ହେବ। ପିପିଲି ବ୍ଲକ ଚନ୍ଦ୍ରାଦେଈପୁର ପଞ୍ଚାୟତର ୧୧ ନମ୍ବର ୱାର୍ଡ ଅନ୍ତର୍ଗତ ମାଟିଘର ସାହିର କମ୍ୟୁନିଟି ହଲ୍ ପାଇଁ ଆସିଥିବା ଅର୍ଥରାଶିର ଫଳକ ଓ ୩ ନମ୍ବର ୱାର୍ଡ ଅଧୀନ ଦକ୍ଷିଣସାହିର ଜାଗୁଳାଇ ମନ୍ଦିର ପୁନରୁଦ୍ଧାର ପାଇଁ ଆସିଥିବା ଅର୍ଥର ଉଭୟ ପ୍ରକଳ୍ପ ଫଳକ ଲଗାଯାଇଛି। ଯାହାକୁ ଦେଖି ଅଞ୍ଚଳବାସୀ ଏବେ ଦ୍ୱନ୍ଦ୍ୱରେ। ଏ ନେଇ ଚନ୍ଦ୍ରାଦେଈପୁର ସରପଞ୍ଚ ସୁରେନ୍ଦ୍ର ବେହେରା କହିଛନ୍ତି, ଫଳକ ବିଷୟରେ ମୁଁ ଅବଗତ ନାହିଁ। ମନଇଛା ଫଳକ ଲଗାଯାଇଛି। ସେହିପରି ପିପିଲି ବ୍ଲକର ପୂର୍ବତନ ବିଜେଡି ଯୁବ ସାଧାରଣ ସମ୍ପାଦକ ମନୋରଞ୍ଜନ ପରିଡା କହିଛନ୍ତି, ପଞ୍ଚାୟତ କାର୍ଯ୍ୟରେ ବ୍ଲକ କର୍ତ୍ତୃପକ୍ଷ ହସ୍ତକ୍ଷେପ କରୁଛନ୍ତି। ଯଦି ଶାସକ ଓ ବିରୋଧୀ ଦଳ ରାଜନୀତି କରିବେ ତେବେ ବିକାଶ ବଦଳରେ ବିନାଶ ହିଁ ହେବ।



ଗୋଟିଏ ପ୍ରକଳ୍ପ ପାଇଁ ଦୁଇଟି ଗୋଷ୍ଠୀ ପକ୍ଷରୁ ଶିଳାନ୍ୟାସ ଫଳକ ଲଗାଯାଇଛି।

